

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୮୨ ● ୧ ଅଗଷ୍ଟ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-182 ● 1st August 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟରେ ବନ୍ୟା ବିପ୍ଳାତ : ମହାନଦୀ ବ୍ୟତୀତ ଅନ୍ୟ ସବୁ ନଦୀରେ ଜଳସ୍ତର ହ୍ରାସ

# ୧୫ ଜିଲ୍ଲା, ୫୭ ବ୍ଲକ୍‌ର ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ





ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବନ୍ୟା ପ୍ରକୋପ କମିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ବିପନ୍ନ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏବେ ମଧ୍ୟ ହଜାର ହଜାର ଲୋକେ ପାଣି ଘେରରେ ରହିଛନ୍ତି। ବନ୍ୟା ପରିଚାଳନା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ସମୀକ୍ଷା କରିଛନ୍ତି।

ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ବେଳେ ବାକି ୧୫ଟି ଜିଲ୍ଲା ବନ୍ୟା ଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି । ୧୫ଟି ଜିଲ୍ଲାର ୫୭ଟି ବ୍ଲକର ୪୪୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୩୬୨ଟି ଗ୍ରାମ ଏବଂ ୧୧ଟି ପୌରାଞ୍ଚଳର ୧୭୪ ୱାର୍ଡର ପ୍ରାୟ ୭,୯୧,୮୪୬ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨,୬୮,୯୪୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୧୩୮୦ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି ।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ପ୍ରାୟ ୬୪୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଡାକ୍ତରୀ ଟିମ୍ ମଧ୍ୟ ନିୟମିତ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ସେବା ପ୍ରଦାନ କରିବାକୁ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗୋ-ଖାଦ୍ୟ ମଧ୍ୟ ବିଭିନ୍ନ ଜିଲ୍ଲାରୁ ତ୍ୱରିତ ଯୋଗାଇ ଦିଆଯାଉଛି । ମନ୍ତ୍ରୀ ସୂଚନା ଦେଇଛନ୍ତି (ପୃଷ୍ଠା ୭ରେ)

## ବନ୍ୟା ପ୍ରଭାବିତଙ୍କ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ବନ୍ୟା ପ୍ରଭାବିତଙ୍କ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତାରୋପ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନ ଓ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସ୍ଥାନରେ ରିଲିଫ୍ କ୍ୟାମ୍ପ ଜରିଆରେ ସହାୟତା ଯୋଗାଇ ଦିଆଯାଉଛି। ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରାଯିବା ସହ କ୍ୟାମ୍ପଗୁଡ଼ିକରେ ଗରମ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ମାଧ୍ୟମରେ ଜରୁରୀ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉଛି। ଏହି ସଙ୍କଟ ସମୟରେ ପ୍ରତିଟି ନାଗରିକଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

## ଆଜି ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧ ।୭ : ନ୍ୟୁଜ୍ ବ୍ୟୁରୋ

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟା ସ୍ଥିତି ସମୀକ୍ଷା କରିବେ । ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପିଏମ୍-କିଷାନ ଅବଧି ଆଉ ୫ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ, ୩୧ ।୭



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ୨୦୧୯ ଫେବ୍ରୁଆରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା ଯେଉଁଥିରେ ଯୋଗ୍ୟ ଚାଷୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଥିଲା। ଇତି ମଧ୍ୟରେ ୨୩ଟି କିସ୍ତିରେ ୪.୪୭ ଲକ୍ଷ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି। କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୪୮,୦୪୮ କୋଟି ଟଙ୍କା ଅଟକଳ ବିଶିଷ୍ଟ ସମୁଦ୍ର ମନ୍ଥନ ଯୋଜନାକୁ ଅନୁମୋଦନ କରାଯାଇଛି। ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଏହି ଯୋଜନାରେ ସରକାର ଅଧିକରୁ ଅଧିକ ତୈଳ ଓ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସମୁଦ୍ର ମନ୍ଥନ ଯୋଜନା ପ୍ରଭାବରେ ୬୦୦ ନିୟୁତ ଟନ୍ ତୈଳ ଭଣ୍ଡାର ସନ୍ଧାନ ହୋଇପାରିବ ବୋଲି ଆଶା କରାଯାଉଛି।

ସେହିପରି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଧ୍ୟ ମଞ୍ଜୁର କରିଛନ୍ତି। ଏହି ଯୋଜନାରେ ପାଞ୍ଚ ବର୍ଷରେ ୫୦୦୦ ମେଗାୱାଟ୍ ଭାସମାନ ସୌର ଶକ୍ତି କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ଏହି କ୍ଷମତା ୭୦୦ ମେଗାୱାଟ୍ ରହିଛି ଯାହା ଆଗାମୀ ୫ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିବାକୁ ଯାଉଛି। ଏହି ଯୋଜନାରେ ପ୍ରତି ମେଗାୱାଟ୍ ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଭାବେ ମୋଟ୍ ୫୦୭୦ କୋଟି ଟଙ୍କାର ସହାୟତା ଦେବେ। ଏହି ଯୋଜନା ପ୍ରଭାବରେ ୧୭ ହଜାର ପାଖାପାଖି ନୂତନ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଏଥି ସହିତ ବୈଠକରେ ସଂଶୋଧିତ ଖେଲୋ ଇଣ୍ଡିଆ ଯୋଜନା ମଧ୍ୟ ମଞ୍ଜୁର ହୋଇଛି। ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ଅଟକଳ ୩୬,୪୧୧ କୋଟି ଟଙ୍କା ରହିଛି।

## ପେପର ଲିକ୍ ଘଟଣା ୫ ଜଣିଆ କମିଟି ଗଠନ

ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ଅଲ୍ ଓଡ଼ିଶା ମେଡିକାଲ୍ ପିଜି ପରୀକ୍ଷା ପେପର୍ ଲିକ୍ ଘଟଣାରେ ଏମକେସିଜିର ବରିଷ୍ଠ ଅଧ୍ୟାପକଙ୍କୁ ନେଇ ୫ ଜଣିଆ କମିଟି ଗଠନ କରାଯାଇଛି । ଘଟଣାର ଅଧିକ ତଦନ୍ତ ପାଇଁ ୫ ଜଣିଆ କମିଟି ଗଠନ ହୋଇଥିବା ସୂଚନା ମିଳିଛି । ଘଟଣାର ତଦନ୍ତ କରି ୭୨ ଘଣ୍ଟା ଭିତରେ କମିଟି ରିପୋର୍ଟ ଦେବ ।

## ନୂଆଦିଲ୍ଲୀରେ ଗୃହମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ନକ୍ସଲମୁକ୍ତ ଓଡ଼ିଶା, ଦ୍ରୁତ ଶିଳ୍ପାୟନ ନେଇ ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୃଥକ ଭାବେ ସାକ୍ଷାତ କରି ଓଡ଼ିଶା ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି (ପୃଷ୍ଠା ୭ରେ)



# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୪ ତାରିଖ ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶୁକ୍ରବାର ଦିନ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ



ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଜିପି ସୁରକ୍ଷା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମହାରାଷ୍ଟ୍ରର ଭିୱାଣ୍ଡିରେ କୋଠା ଭୁଶୁଡ଼ି ନଅ ଜଣଙ୍କର ମୃତ୍ୟୁ, କିଛି ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା।
- ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ସୀମିତ କରିବାର ପ୍ରସ୍ତାବକୁ ଆମେରିକା ସିନେଟର ପ୍ରତ୍ୟାଖ୍ୟାନ।
- ପାକିସ୍ତାନ କୋଇଲା ଖଣିରେ ବିସ୍ଫୋରଣ, ୩୪ ମୃତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୬୦ (+୨୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୨୫୫ (+୭୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୪୫ (+୨୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

# ୭୫ତମ ସମ୍ମାନ ସୂଚକ ଡକ୍ଟରେଟ୍ ଲାଭ କରି ଅଚ୍ୟୁତ ସାମନ୍ତ ଦେଶର ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଲେ

ଭୁବନେଶ୍ୱର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ଶିକ୍ଷାବିତ୍ ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରାଣ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ସମଗ୍ର ଦେଶରେ ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଛନ୍ତି । ଗତକାଲି ରାଜସ୍ଥାନ ବିକାନିରସ୍ଥିତ ଅଗ୍ରଣୀ ସରକାରୀ ବିଶ୍ୱବିଦ୍ୟାଳୟ ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ ଲାଭ କରିବା ପରେ ତାଙ୍କର ଡକ୍ଟରେଟ ଲାଭ କରିବାର ସଂଖ୍ୟା ୭୫ରେ ପହଞ୍ଚିଛି । ଭାରତ ବର୍ଷରେ ଏଭଳି ବିରଳ ବ୍ୟକ୍ତିତ୍ୱର ଅଧିକାରୀ ପୂର୍ବରୁ କେହି ନଥିଲେ । ଶ୍ରୀ ସାମନ୍ତଙ୍କ ପୂର୍ବରୁ ଡକ୍ଟର ରଘୁନାଥ ମାସଲେକର ୫୪ଟି ସମ୍ମାନ ସୂଚକ ଡକ୍ଟରେଟ୍ ଲାଭ କରିଥିଲେ । ତାଙ୍କ ପୂର୍ବରୁ ଏପିଜେ ଅବଦ୍ଦୁଲ କାଲାମ (ଭାରତର



ପୂର୍ବତନ ରାଷ୍ଟ୍ରପତି) ୪୮ଟି ସମ୍ମାନ ସୂଚକ ଡକ୍ଟରେଟ୍ ଲାଭ କରିଥିଲେ । ଡକ୍ଟର ସାମନ୍ତ ଗତକାଲି ଯେଉଁ ସମ୍ମାନ ସୂଚକ ଡକ୍ଟରେଟ୍ ଲାଭ କଲେ ତାହାର ସଂଖ୍ୟା ଥିଲା ୭୫ । ଏଭଳି ବିରଳ କୃତିତ୍ୱର ଅଧିକାରୀ ଭାରତ ବର୍ଷରେ କେହି ନାହାନ୍ତି ।

ସମଗ୍ର ଦେଶରେ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିଟ୍ ଓ କିସ୍‌ର ପ୍ରାଣ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ତଥା ସମାଜସେବା କ୍ଷେତ୍ରରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ ତଥା ଉତ୍ସର୍ଗୀକୃତ କରିଛନ୍ତି । ଓଡ଼ିଶାର ଏହି ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଡକ୍ଟର ସାମନ୍ତ କେବଳ ଦେଶର ନୁହଁ ବରଂ ବିଶ୍ୱର ଶତାଧିକ ଦେଶ ପକ୍ଷରୁ ଏଥିପାଇଁ ଅଭିନନ୍ଦନ ଲାଭ କରିଛନ୍ତି । ଆର୍ଟ ଅଫ ଗିଭିଂ ତାଙ୍କର ଏକ ମାନସପୁତ୍ର ଯାହାକି ତାଙ୍କୁ ସମଗ୍ର ବିଶ୍ୱର ଶତାଧିକ ଦେଶ ନିଜର କରିପାରିଛନ୍ତି । ଏହିଭଳି କୃତିତ୍ୱ ରାଜ୍ୟ କିମ୍ବା ଦେଶରେ ମଧ୍ୟ ବିରଳ । ତାଙ୍କର ୭୫ତମ ସମ୍ମାନ ସୂଚକ ଡକ୍ଟରେଟ୍ ପାଇଁ ତାଙ୍କୁ ଦେଶ ତଥା ଦେଶ ବାହାରୁ ଅଭିନନ୍ଦନର ସୁଅ ଛୁଟିଛି ।

## ହୀରାକୁଦରେ ଖୋଲିଲା ୨୨ ଗେଟ୍

ସମ୍ବଲପୁର, ୩୧ ।୭
ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଡ୍ୟାମ୍‌ରେ ବଢୁଥିବା ଜଳସ୍ତର ପ୍ରଶାସନର ଚିନ୍ତା ବଢ଼ାଇଛି। ଜଳଭଣ୍ଡାରକୁ ଲଗାତାର ଅଧିକ ପାଣି ପ୍ରବେଶ କରୁଥିବାରୁ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଉଛି। ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ଆଉ ୮ଟି ଗେଟ୍ ଖୋଲାଯିବା ପରେ ବର୍ତ୍ତମାନ ମୋଟ୍ ୨୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ, ବର୍ତ୍ତମାନ ପ୍ରାୟ ସାଢ଼େ ୩ ଲକ୍ଷ କ୍ୟୁସେକ ପାଣି ହୀରାକୁଦରୁ ଛଡ଼ାଯାଉଛି। ଅନ୍ୟପଟେ ଖଇରମାଳରେ ଏବେ ୫ ଲକ୍ଷ ୨୭ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି। ହୀରାକୁଦରୁ ଛଡ଼ାଯାଉଥିବା ପାଣି ସେଠାରେ ପହଞ୍ଚିବା ପରେ ମୋଟ୍ ପ୍ରବାହ ପ୍ରାୟ ସାଢ଼େ ୭ ଲକ୍ଷ କ୍ୟୁସେକରେ ପହଞ୍ଚିବାର ଆକଳନ କରାଯାଇଛି।




## ଏକାଳ ପଖାଳ



ହକି ପୋଷାକଟା କାହାର ନଥିଲା
ବଦଳିଲା ତାର ରଙ୍ଗ
ରଙ୍ଗ ରାଜନୀତି ଜୋରପୁରା
ଦେଖାଉଛି ତାର ଢଙ୍ଗ
ଧୋବଧୋବଳିଆ ବେଙ୍ଗ
ଡେଇଁଲେ ରଡିଲେ କିଛି ହେବ ନାହିଁ
ଜନତା ପିଇନି ଭାଙ୍ଗ।

# ଶ୍ରାବଣ ଅମାବାସ୍ୟାରେ ସୂର୍ଯ୍ୟ ପରାଗ



ନୂଆଦିଲ୍ଲୀ, ୩୧ ।୭

ଭଗବାନ ଶିବଙ୍କ ପ୍ରିୟ ମାସ ଶ୍ରାବଣରେ ଚଳିତ ବର୍ଷର ଶେଷ ସୂର୍ଯ୍ୟ ପରାଗ ଲାଗିବାକୁ ଯାଉଛି। ବୈଦିକ ପଞ୍ଜାଙ୍ଗ ଅନୁସାରେ ଶ୍ରାବଣ ଅମାବାସ୍ୟା ତିଥି ଅଗଷ୍ଟ ୧୨ ତାରିଖରେ ପଡୁଥିବାରୁ ସେହିଦିନ ଏହି ସୂର୍ଯ୍ୟ ପରାଗ ଲାଗିବ । ଜ୍ୟୋତିଷ ଗଣନା ଅନୁଯାୟୀ, ଏହା କର୍କଟ ରାଶିରେ ଲାଗିବ ଏବଂ ସେହି ସମୟରେ ସୂର୍ଯ୍ୟ, ଚନ୍ଦ୍ର, ବୁଧ ଓ ଗୁରୁଙ୍କ ଉପସ୍ଥିତି ଯୋଗୁଁ ଚତୁର୍ଗ୍ରହୀ ଯୋଗ ସୃଷ୍ଟି ହେବ। ଏହି ସୂର୍ଯ୍ୟ ପରାଗକୁ ଦୁର୍ଲଭ ବୋଲି ମନେ କରାଯାଉଛି। ତେବେ ଏହା ଭାରତରେ ଦୃଶ୍ୟମାନ ହେବ ନାହିଁ । ଏହି କାରଣରୁ ଭାରତରେ ସୂତକ କାଳ ମାନ୍ୟ ହେବ ନାହିଁ। ତଥାପି ଜ୍ୟୋତିଷ ଶାସ୍ତ୍ରରେ ଏହି ଗ୍ରହଣର ଜ୍ୟୋତିଷୀୟ ପ୍ରଭାବକୁ ନେଇ ବିଶେଷ ଚର୍ଚ୍ଚା ହେଉଛି।

ଜ୍ୟୋତିଷବିଦ୍ଵାନଙ୍କ ମତାନୁସାରେ, ସୂର୍ଯ୍ୟ ପରାଗର ପ୍ରଭାବ ବିଶେଷକରି ମେଷ, କର୍କଟ, ତୁଳା ଓ ମକର ରାଶିର ଜାତକଙ୍କ ଉପରେ ପଡ଼ିପାରେ। ଏହି ରାଶିର ଲୋକମାନେ ଆସନ୍ତା କିଛି ମାସ ଧରି ସ୍ୱାସ୍ଥ୍ୟ, ଚାକିରି, ବ୍ୟବସାୟ, ମାନ-ସମ୍ମାନ ଏବଂ ଧନ-ସମ୍ପତ୍ତି ମାମଲାରେ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଧନହାନି, ସମ୍ପତ୍ତି ବିବାଦ, (ପୃଷ୍ଠା ୭ରେ)

## ପ୍ରଥମ ଥର ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ୍ ଦ୍ୱାରା ଲାଇଭ ହାର୍ଟର କରାଗଲା ପରିବହନ

ନୂଆଦିଲ୍ଲୀ, ୩୧ ।୭

ଭାରତୀୟ ରେଳବାଇ ପ୍ରଥମ ଥର ପାଇଁ ବନ୍ଦେ ଭାରତ ଏକ୍ସପ୍ରେସ୍ ମାଧ୍ୟମରେ ସୁରଟରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ଏକ ଜୀବନ୍ତ ହୃଦୟକୁ ସୁରକ୍ଷିତ ଭାବରେ ପରିବହନ କରି ଏକ ନୂତନ ଇତିହାସ ସୃଷ୍ଟି କରିଛି। ଅହମ୍ମଦାବାଦର ୟୁ. ଏନ୍. ମେହେଟ୍ଟା ଇନଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ହୃଦୟ ପ୍ରତିରୋପଣ କରାଯିବ। ଟ୍ରେନ ନମ୍ବର ୨୦୯୦୧ ମୁମ୍ବାଇ ସେଣ୍ଟ୍ରାଲ-ଗାନ୍ଧୀନଗର ରାଜଧାନୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଦ୍ୱାରା ଜୀବନ୍ତ ହୃଦୟକୁ ଅହମ୍ମଦାବାଦ ଅଣାଯାଇଥିଲା।

ସମ୍ପୂର୍ଣ୍ଣ ଅସ୍ତ୍ରୋପଚାର ଅତ୍ୟନ୍ତ ସମୟ ସାପେକ୍ଷ ଥିଲା କାରଣ ନିର୍ଦ୍ଧାରିତ ସମୟ ମଧ୍ୟରେ ହୃଦୟକୁ ଡାକ୍ତରଖାନାକୁ ପହଞ୍ଚାଇବାକୁ ପଡ଼ିଥିଲା। ଅହମ୍ମଦାବାଦ ରେଳ ଷ୍ଟେସନରୁ ଡାକ୍ତରଖାନାକୁ ହୃଦୟ ପରିବହନ ପାଇଁ ରେଳବାଇ ସୁରକ୍ଷା ବାହିନୀ (ଆରପିଏଫ) ଏବଂ ଗୁଜରାଟ ପୋଲିସ ଏକ ସବୁଜ କରିଡର ସୃଷ୍ଟି କରିଥିଲେ। ଏହା ହୃଦୟକୁ ବିନା କୌଣସି ବାଧାରେ ସିଧାସଳଖ ଡାକ୍ତରଖାନାକୁ ପରିବହନ କରିବାକୁ ଅନୁମତି ଦେଇଥିଲା, ଯାହା ଦ୍ୱାରା ପ୍ରତିରୋପଣରେ ବିଳମ୍ବ ହେବ ନାହିଁ।

ଅହମ୍ମଦାବାଦ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅଗଷ୍ଟ ୨୦୨୬ ଶନିବାର





# ପ୍ରେସ୍ କ୍ଲବ ପକ୍ଷରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପ୍ରେସ କ୍ଲବର ୯ମ ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲା ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ ଡା. ନାରାୟଣ ପସାୟତ, ପ୍ରେସ କ୍ଲବର ସଭାପତି ପ୍ରଦୋଷ କୁମାର ମିଶ୍ର, ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ସହ-ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ବରିଷ୍ଠ ସଦସ୍ୟ ଦେବାନନ୍ଦ ସାହୁ, ଶମ୍ଭୁପ୍ରସାଦ ମିଶ୍ର ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମାନବସେବାର ଉଦ୍ଦେଶ୍ୟକୁ ନେଇ ଆୟୋଜିତ ଏହି ଶିବିରରେ ପ୍ରେସ କ୍ଲବର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ରକ୍ତଦାନ ମହତଦାନର ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ସହ ଆବଶ୍ୟକ ସମୟରେ ରୋଗୀଙ୍କ ଜୀବନ ରକ୍ଷା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର କର୍ମଚାରୀ ଦେବଦତ୍ତ, ସୁଧୀର ଦେହୁରୀ ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିବାବେଳେ ପରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ନବରଙ୍ଗପୁର ଜିଲ୍ଲାରେ ୧୫ ଅଧିକାରୀ ପଦବୀ ଖାଲି

## ଅନେକ ଜିଲ୍ଲାବାହାର ବଦଳି ପାଇଁ ଗୋଡ଼ ଟେକିଛନ୍ତି

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଅନ୍ୟତମ ଅନୁନ୍ନତ ଜିଲ୍ଲା ଭାବେ ପରିଚିତ ନବରଙ୍ଗପୁର ଜିଲ୍ଲାର ଉନ୍ନତି ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି, କିନ୍ତୁ ଜନମଙ୍ଗଳ ଯୋଜନା କାର୍ଯ୍ୟକାରୀ କରାଇବାକୁ ଯେଉଁ ମାନବସମ୍ବଳ ଆବଶ୍ୟକ ସେଥିର ଘୋର ଅଭାବ ଦେଖିବାକୁ ମିଳିଛି। ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ ପଦବି ଖାଲି ପଡ଼ିଛି। ଖାଲି ପଦବି ପୂରଣ ହୋଇପାରୁନଥିବା ବେଳେ ଦୁଇ ଜଣ ଅଧିକାରୀ ପଦନ୍ନୋତି ପାଇବା ପରେ ଜିଲ୍ଲା ଛାଡ଼ିଯିବାକୁ ଇଚ୍ଛା ପ୍ରକାଶ କରିଥିବା ଜଣାଯାଇଛି। ଫଳରେ ଜିଲ୍ଲାପ୍ରଶାସନ ଅନ୍ୟ ଅଧିକାରୀଙ୍କୁ ଭାରପ୍ରାପ୍ତ ଭାବେ ଦାୟିତ୍ୱ ଦେଇ କାମ ଚଳାଉଛି। ଜିଲ୍ଲା ଓକିଲ ସଂଘ ସଭାପତି ସନ୍ତୋଷ ମିଶ୍ର କହିଛନ୍ତି, ଭାରପ୍ରାପ୍ତରେ ଥିବା ଅଧିକାରୀ ଜଣକ ସ୍ଥାୟୀ ଅଧିକାରୀ ପରି ନିଜର ଉତ୍ତରଦାୟିତ୍ୱ ନିଭାଇବାରେ ସଫଳ ହୋଇ ପାରୁନାହାନ୍ତି।

ଜିଲ୍ଲା ଶ୍ରମ ଅଯୁକ୍ତ ପଦବୀରେ ଭାରପ୍ରାପ୍ତ ଭାବେ କୋରାପୁଟ ଜିଲ୍ଲା ଶ୍ରମ ଆୟୁକ୍ତ ବୃନ୍ଦବନ ସେଠୀ ଦାୟିତ୍ୱରେ ରହୁଛନ୍ତି। ସେହିପରି ଜିଲ୍ଲାଶିଳ୍ପ କେନ୍ଦ୍ରର ପରିଚାଳକ ଦାୟିତ୍ୱରେ ଭବାନୀପାଟଣା ଡିଆଇସି ଜିଏମଙ୍କୁ ଦିଆଯାଇଛି। ଗତ ମାସରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ(ଡିଏସଡବ୍ଲୁ), ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ (ଡିଏସଏସଓ), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଅବସର ନେଇଛନ୍ତି। ଡିଏସଡବ୍ଲୁଓ ପଦବିରେ ଜିଲ୍ଲାଶିଶୁ ପ୍ରକଳ୍ପ ଅଧିକାରୀ, ଡିଏସଏସଓ ପଦବିରେ ଅତିରିକ୍ତ ଜିଲ୍ଲାସମାଜ ସୁରକ୍ଷା ଅଧିକାରୀ ଓ ଆରଟିଓ ପଦବିରେ କୋରାପୁଟ ଆରଟିଓ ଭାରପ୍ରାପ୍ତ ଭାବେ ଦାୟିତ୍ୱରେ ରହିଛନ୍ତି। ଜିଲ୍ଲାମୁଖ୍ୟଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ




ତଥା ଡିଏମଓ ପଦବୀରେ ଭାରପ୍ରାପ୍ତ ଭାବେ ଏଡିଏମଓ ଡ.ସୁକାନ୍ତ ଶତପଥୀ ସମ୍ଭାଳିଛନ୍ତି। ଏନଏଚ ଏସଡିଓ ପଦବୀରେ ଭାରପ୍ରାପ୍ତ ଭାବେ କେସିଙ୍ଗା ଏସଡିଓ ସୂର୍ଯ୍ୟ ଛତରିଆ ରହିଛନ୍ତି। ସେଭଳି ମେଗା ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ବାହୀଯନ୍ତ୍ରୀ ମାଲକାନଗିରୀ ମେଗାଲିଫ୍ଟ ପ୍ରକଳ୍ପର ଦାୟିତ୍ୱରେ ବି ରହିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ପଦବି ଖାଲି ପଡିଥିବା ବେଳେ ଏହି ପଦବୀକୁ ଭାରପ୍ରାପ୍ତ ଭାବେ ଜଣେ ଡେପୁଟି କଲେକ୍ଟର ସମ୍ଭାଳିଛନ୍ତି। ଜିଲ୍ଲା ଖଣିଅଧିକାରୀ ପଦବୀରେ ସହକାରୀ ଖଣି ଅଧିକାରୀ ସମ୍ଭାଳିଛନ୍ତି। ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଅତିରିକ୍ତ ମୁଖ୍ୟନିର୍ବାହୀଅଧିକାରୀ ଯଦୁମଣି ନାୟକ ଜୟପୁର ଉପଜିଲ୍ଲାପାଳ ଭାବେ ପଦନ୍ନୋତି ପାଇ ଯିବା ପରେ ସେ ପଦବି ଖାଲି ପଡିଛି। ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଛତ୍ରପୁର ବଦଳି ହେବା ପରେ ତାଙ୍କ ସ୍ଥାନରେ ଉମରକୋଟ ପୌରାଞ୍ଚଳର କନିଷ୍ଠ ଯନ୍ତ୍ରୀ ଭାରପ୍ରାପ୍ତରେ ରହିଛନ୍ତି। ଜିଲ୍ଲାସ୍ତରରେ ପରିବେଶପ୍ରଦୁଷଣ ଅଧିକାରୀ, ଓଜନ ଓ ମାପ ବିଭାଗର ଜିଲ୍ଲାସ୍ତରୀୟ ନିର୍ଦ୍ଦେଶକ ଭଳି ପଦବୀ ଖାଲି ପଡିଛି। ଆଉ ଦୁଇ ଅଧିକାରୀ ପଦନ୍ନୋତି ପାଇବା ପରେ ଅନ୍ୟ ସ୍ଥାନକୁ ଯିବା ପାଇଁ ଗୋଡ ଟେକିକି ବସିଛନ୍ତି। ପାଲକା ରବୀନ୍ଦ୍ର ଜିଲ୍ଲା ମଙ୍ଗଳ ଅଧିକାରୀ ଠାରୁ ପଦୋନ୍ନତି ପାଇ ଡେପୁଟି ଡାଇରେକ୍ଟର(ଅତିରିକ୍ତ ନିର୍ଦ୍ଦେଶକ) ହୋଇଛନ୍ତି। ସେହିପରି ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ ଓଡ଼ିଶା ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗର ଏଡିସନାଲ ଡାଇରେକ୍ଟର ପଦବିରେ ପଦନ୍ନୋତି ପାଇଛନ୍ତି।

# ନବଉତ୍କଳ ମହିଳା ସମିତି ପକ୍ଷରୁ ବୃକ୍ଷରୋପଣ

**ବ୍ୟାସନଗର:, ନ୍ୟୁଜ୍ ବ୍ୟୁରୋ**

ବୃକ୍ଷ ହିଁ ଜୀବନ। ଏକଥା ଆଜି ସମସ୍ତେ ଉପଲବ୍ଧ କଲେଣି। କାରଣ ବୃକ୍ଷ ନ ରହିଲେ କେହି ମୁହୂର୍ତ୍ତେ ମଧ୍ୟ ବଞ୍ଚିପାରିବେ ନାହିଁ। ବୃକ୍ଷରୋପଣ କରିବା ଅର୍ଥ ବୃକ୍ଷ ଲଗାଇବା। ବୃକ୍ଷ ଆମକୁ ବିଭିନ୍ନ ଉପାୟରେ ସାହାଯ୍ୟ କରିଥାଏ। ବୃକ୍ଷ ଆମ୍ଭମାନଙ୍କର ପାରିବେଶିକ ପ୍ରଦୂଷଣକୁ ଦୂରୀଭୂତ କରି ଆମ୍ଭମାନଙ୍କ ଜୀବନ ରକ୍ଷା କରିଥାଏ। ବୃକ୍ଷ ଆମ୍ଭମାନଙ୍କୁ ଫଳ ଓ ଛାୟା ପ୍ରଦାନ କରିଥାଏ। ପରିବେଶକୁ ଶୀତଳ ରଖିଥାଏ। ଜାଳେଣି ଓ ଗୃହ ଉପକରଣ ପାଇଁ କାଠ ମଧ୍ୟ ଦେଇଥାଏ। ଜଙ୍ଗଲରେ ଘଞ୍ଚ ଭାବରେ ରହି ମେଘ ବର୍ଷଣର ମାଧ୍ୟମ ସାଜେ। ଜଙ୍ଗଲରେ ବର୍ଷାଜଳକୁ ସଞ୍ଚିତ ରଖି ଛାଡ଼ିବା ଯୋଗୁଁ ବନ୍ୟା ନିୟନ୍ତ୍ରଣ କରିଥାଏ। ସବୁଠାରୁ ବଡ଼ ଉପକାର ହେଉଛି ପରିବେଶ ପ୍ରଦୂଷଣକୁ ବିନାଶ କରିଥାଏ ଓ ଅମ୍ଳଜାନ ପ୍ରଦାନ କରି ଅଙ୍ଗାରକାମ୍ଳ ଗ୍ରହଣ କରିନିଏ। କେତେକ ଔଷଧ ଜାତୀୟ ବୃକ୍ଷରୁ ଆମେ ଚେରମୂଳି ପତ୍ର ସଂଗ୍ରହ କରି ଔଷଧ ତିଆରି କରି ବିଭିନ୍ନ ରୋଗରୁ ରକ୍ଷା ପାଇଥାଉ। ଏହି ପରିପେକ୍ଷୀରେ ପବିତ୍ର ବାହୁଡ଼ା ଦଶମୀ ଅବସରରେ ନବଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ମୁନିସିପାଲିଟିରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଲୀ ପହି, ଉପ ସଭାନେତ୍ରୀ ମମତା ବର୍ଦ୍ଧନ, ସମ୍ପାଦିକା, ଜୟନ୍ତୀ ଜେନାଙ୍କ ସହିତ - ମାନସୀ ମଲ୍ଲିକ, ସ୍ୱପ୍ନାରାଣୀ ସିଂ, ସୁଜାତା ମହାନ୍ତି , ସଂଗୀତା ଦେବୀ,ଚନ୍ଦ୍ରକାନ୍ତା ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା, ତରୁଲତା ଦେବୀ ପ୍ରମୁଖ ଯୋଗଦାନ କରିଥିଲେ।




# ସୁକିନ୍ଦାରେ ଅଭିଯୋଗ ଶୁଣାଣି: ୫୯ ମାମଲା ପଞ୍ଜିକୃତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୪ ଗୋଟି, ରେଡ୍ କ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୭ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର, ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ସପନ କୁମାର ନନ୍ଦ, ଅତିରିକ୍ତ ମୁଖ୍ୟ




ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକିନ୍ଦା, ପ୍ରଜ୍ଞା ପରିମିତା ପୃଷ୍ଟି, ତହସିଲଦାର, ସୁକିନ୍ଦା, ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ପିତାମାତା ଦିବସ ପାଳିତ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡାର ସାମାଜିକ ଅନୁଷ୍ଠାନ ଆଲିସା ଫାଉଣ୍ଡେସନ୍ ତରଫରୁ ଜାତୀୟ ପିତାମାତା ଦିବସ ପାଳନ ହୋଇଯାଇଛି। ଫାଉଣ୍ଡେସନ୍ ପକ୍ଷରୁ ବାରମାସରେ ତେର ପର୍ବ ପାଳନ କରାଯାଉଥିବାବେଳେ ଜାତୀୟ ପିତାମାତା ଦିବସ ପାଳନ ପାଇଁ କ୍ୟାଲେଣ୍ଡରରେ ସ୍ଥାନ ଦେବାକୁ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷା ଅନ୍ନଦା ପ୍ରସାଦ ରାୟ ଦାବି କରିଛନ୍ତି। ଅନେକ ବୃଦ୍ଧା ବାପା ମାଆଙ୍କୁ ପୂଜା କରି ନିଆରା ଢଙ୍ଗରେ ସମ୍ମାନୀତ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଅନଦା ରାୟ, ପ୍ରଶାନ୍ତ ମହାପାତ୍ର, ଅତୁଲାଲ୍ ପଟ୍ଟନାୟକ, ଦୁର୍ଗାମଣୀ ମହାପାତ୍ର, ରୋଜି ବଳିଆର ସିଂ ପ୍ରମୁଖ ଉପସ୍ଥିତ ରହି ୧୦୩ ବର୍ଷର ଜଣେ ବାପା ପଞ୍ଚାୟତର ଭାସ୍କର୍ଯ୍ୟ ଚନ୍ଦ୍ର ପାଣିଙ୍କୁ ସମ୍ମାନୀତ କରିଥିଲେ। ସଭା ଶେଷରେ ଅନୁଷ୍ଠାନର ଉପଦେଷ୍ଟା ଡକ୍ଟର ଦେବେନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ପାଳିତ

# ଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ସାମାଜିକ ଦାୟିତ୍ୱ କ୍ଷେତ୍ରରେ ସଫଳ ଯାତ୍ରାର ଆଲୋକପାତ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ପାର୍ବତୀଗିରି ମହିଳାମହାବିଦ୍ୟାଳୟ, ବରଗଡ଼ର ୪୮ ତମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପରିଶ୍ରମ, ଶୃଙ୍ଖଳା ଓ ଉତ୍କର୍ଷର ପଥରେ ଆଗେଇବା ପାଇଁ ପ୍ରେରଣା ଦେଇଥିଲେ। ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ବିଶେଷ ଅତିଥି ଭାବେ ଉପସ୍ଥିତ ରହି ମହାବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ୨୦୨୬ ମସିହାର +୨ ପରୀକ୍ଷାରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରୀମାନଙ୍କୁ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ର୍‍ୟାଙ୍କ ହୋଲ୍ଡର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାପତି ନନ୍ଦିନୀ ନିରୋଦ ପଣ୍ଡା ମହାବିଦ୍ୟାଳୟର ଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ସାମାଜିକ ଦାୟିତ୍ୱ କ୍ଷେତ୍ରରେ ସଫଳ ଯାତ୍ରାର ଆଲୋକପାତ କରି କହିଥିଲେ ଯେ, ମେଧାବୀ ଛାତ୍ରୀମାନଙ୍କ ସଫଳତା ସମଗ୍ର ମହାବିଦ୍ୟାଳୟ ପରିବାର ପାଇଁ ଗର୍ବର ବିଷୟ। ପ୍ରାଧ୍ୟାପିକା ଡଃ.ପୁଷ୍ପାଞ୍ଜଳି ପ୍ରଧାନ ଅତିଥି ପରିଚୟ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା ଡଃ. ସଂଘମିତ୍ରା ମିଶ୍ର କରିଥିଲେ । ଏହି ଅବସରରେ ବିଧାୟକ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଶେଷରେ ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




# ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଶ୍ୱ ପ୍ରକୃତି ଦିବସ




**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ୍ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ସ୍ଥାନୀୟ ରମ୍ଭା ସରସ୍ୱତୀ ଶିଶୁ ମନ୍ଦିର ଠାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ସମେତ ଚାରା ରୋପଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା ସଭାପତି ଏ ନରସିଂହ ସୁବୁଦ୍ଧି,ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର (ଅବସର ପ୍ରାପ୍ତ ରମ୍ଭା କଲେଜ ଅଧ୍ୟକ୍ଷ), ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ, ସମ୍ପାଦକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ବରିଷ୍ଠ ସଦସ୍ୟ ଅବସର ପ୍ରାପ୍ତ ପ୍ରକୃତି ବନ୍ଧୁ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସୁଦର୍ଶନ ସାହୁ, ଉମେଶ କୁମାର ମହାନ୍ତି, ରାମ ଚନ୍ଦ୍ର ବଡତ୍ୟା, ଲମ୍ବୋଦର ମହାନ୍ତି ଅବସର ପ୍ରାପ୍ତ ବନ ବିଭାଗ ସେକ୍ସନ ଅଫିସର ଅଶୋକ କୁମାର ସାହୁ, ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ସାହୁ, ରମ୍ଭା ବନପାଳ ପ୍ରଶାନ୍ତ କୁମାର ରାଓ ପ୍ରମୁଖ ଯୋଗ ଦେଇ ଶିଶୁ ମନ୍ଦିର ଛାତ୍ର ଛାତ୍ରୀ ମାନଙ୍କୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଏହାର ଆବଶ୍ୟକତା ଉପରେ ସଚେତନତା ପ୍ରଦାନ କରି ଚାରା ରୋପଣ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମନ୍ଦିର ଛାତ୍ର ଛାତ୍ରୀ ମାନେ ପ୍ରକୃତି ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ନାରା ଦେଇ ଚାରା ରୋପଣ ପୂର୍ବକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ରୋଟାରୀ କ୍ଲବ୍‌ର ୨୬ତମ ଅଧିଷ୍ଠାନ ଉତ୍ସବ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ସଞ୍ଜିତ୍ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି, ୨୦୨୮-୨୯ ପାଇଁ ମନୋନୀତ ଜିଲ୍ଲା ଗଭର୍ଣ୍ଣର ଅକ୍ଷେନ୍ଦୁ ଶେଖର ପଟ୍ଟନାୟକ ଏବଂ ଆସିଷ୍ଟାଣ୍ଟ ଗଭର୍ଣ୍ଣର ସର୍ବେଶ୍ୱର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରୋଟାରୀର ସେବା କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କ୍ଲବର ମୁଖପତ୍ର ଜାଗୃତିକୁ ଅତିଥି




ମାନେ ଉନ୍ମୋଚନ କରିଥିଲେ । ଆୟୋଜିତ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାର ମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ଲବ୍‌ର ନୂତନ ସଭାପତି ଭାବେ ରମେଶ ଚନ୍ଦ୍ର ବରାଳ ଓ ସମ୍ପାଦିକା ଭାବେ ଶିକ୍ଷାବିତ୍ ଭାରତୀ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଦିବ୍ୟଜ୍ୟୋତି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରାବଣୀ ବନ୍ଦୋପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ପ୍ରାକ୍ତନ ସଭାପତି ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନିତା ମହାରଣା, ଇତିଶ୍ରୀ ବରାଳ,ଶରତ କୁମାର ଖୁଣ୍ଟିଆ, ବିଶ୍ୱକଲ୍ୟାଣ ଦାସ,ଡା. ଅମିତ କୁମାର ପୃଷ୍ଟି,ରବୀନ୍ଦ୍ର କୁମାର ସାହୁ, ପବିତ୍ର ମୋହନ ସାହୁ,ପଞ୍ଚାନନ ନାୟକଙ୍କ ସମେତ କ୍ଲବ୍‌ର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ : ଗ୍ରାମବାସୀ ହଟହଟା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦି ଗ୍ରାମ ପଞ୍ଚାୟତର ଜୁନାନି ଗ୍ରାମ। ଗ୍ରାମର ଗୁରୁଦେବ ପଡ଼ା। ଏହି ପଡ଼ାରେ ପଚାଶ ପରିବାର ରହନ୍ତି। ପଡ଼ାବାସୀଙ୍କ ମୁଖ୍ୟ ସମସ୍ୟା ହେଲା ପଡ଼ାକୁ ଏପର୍ଯ୍ୟନ୍ତ ରାସ୍ତା ଖଣ୍ଡେ ନାହିଁ। ଲୋକେ କାଦୁଅ ପଙ୍କ ରାସ୍ତାରେ ଯିବା ଆସିବା କରନ୍ତି। ବର୍ଷା ଦିନରେ ଲୋକଙ୍କ ଦୁଃଖ କହିଲେ ନସରେ। ଆଣ୍ଠୁଏ କାଦୁଅରେ ଲୋକଙ୍କୁ ଯିବାକୁ ପଡ଼େ। ଫଳରେ ପୁଅଝିଅ ମାନେ କାଦୁଅ ରାସ୍ତାରେ ସ୍କୁଲ ଯିବାକୁ ବାଧ ହୁଅନ୍ତି । ମହିଳା ମାନେ ପାଣି ଆଣିବାରେ ନାହିଁ ନଥିବା ଅସୁବିଧା ଭୋଗ କରନ୍ତି। ବୃଦ୍ଧ ବୃଦ୍ଧା ଚାଲିବା ସମୟରେ ପଡ଼ି ଯାଆନ୍ତି ବୋଲି କହନ୍ତି। ଚାରି ଚକିଆ କଥା ଛାଡ଼ନ୍ତୁ ସାଇକେଲ କିମ୍ବା ବାଇକ୍ ମଧ୍ୟ ରାସ୍ତାରେ ଯାଇପାରେ ନାହିଁ। ବର୍ଷା ମାସରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ। କେହି ରୋଗରେ ପଡିଲେ କିମ୍ବା ପ୍ରସବ କଷ୍ଟ ପାଇଲେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଖଟିଆରେ ନେବାକୁ ପଡେ ବୋଲି ପଡ଼ା ବାସୀ କହନ୍ତି। ସରକାର ସବୁ ଗାଆଁକୁ ଭଲ ରାସ୍ତା ଦେବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଗ୍ରାମ ପଞ୍ଚାୟତରେ ଏଥିପାଇଁ ପାଣ୍ଠି ବ୍ୟବସ୍ଥା ରହିଛି। କିନ୍ତୁ, ଏହି ପଡ଼ାକୁ ଏପର୍ଯ୍ୟନ୍ତ ରାସ୍ତା ଖଣ୍ଡେ ନାହିଁ। ସ୍ଥାନୀୟ ସରପଞ୍ଚ ମୀନା କୁମାରୀ ଜାଲଙ୍କ ପାଖରେ ଯେତେ ନେହୁରା ହେଲେ ମଧ୍ୟ ସେ କର୍ଣ୍ଣପାତ କରୁ ନାହାନ୍ତି ବୋଲି ଲୋକଙ୍କ ଅଭିଯୋଗ। ନିର୍ବାଚନରେ ଜିତିଲେ ସେ ରାସ୍ତା କରିଦେବେ ବୋଲି କହିଥିଲେ, ଏହି ଆଶାରେ ଗୁରୁଦେବ ପଡ଼ା ବାସୀ ତାଙ୍କୁ ଭୋଟ ଦେଇଥିଲେ। କିନ୍ତୁ ବାହାଘର ପରେ ବେଦୀ ମୁହଁ ପୋଡ଼ା ନ୍ୟାୟରେ ସରପଞ୍ଚ ଆଉ ପଡ଼ା ବାସୀଙ୍କୁ ଧରା ଛୁଆଁ ଦେଉ ନାହାନ୍ତି। ଅତିଶୀଘ୍ର ରାସ୍ତା ନିର୍ମାଣ କରା ନଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଲୋକେ । ଏନେଇ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ସେ ଏହି ବିଷୟରେ ଜାଣି ନଥିଲେ ଓ ଅତିଶୀଘ୍ର ରାସ୍ତା ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# +୩ ପ୍ରଥମ ବର୍ଷର ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସୋମବାର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୨୦୨୬ ରେ ଆଡ଼ମିସନ କରିଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି ! ମହାବିଦ୍ୟାଳୟ ସମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ସଭପାତିତ୍ୱ କରିଥିଲେ ଏହି କାର୍ଯ୍ୟକ୍ରମରେ ଏକାଡେମୀକ ମୁଖ୍ୟ ଟୀକା ଖାନ, ପ୍ରଶାସନିକ ଅଧିକାରୀ ବାବରୁବାହନ ଜେନା, +୨ ପରୀକ୍ଷା ନିୟନ୍ତ୍ରକ ସନ୍ତୋଷ କୁମାର ରଥ, ମୁଖ୍ୟ କିରାଣୀ ଶରତ କୁମାର ଜେନା, +୩ଆଡ଼ମିଶନ ମୁଖ୍ୟ ତାପସ ରଞ୍ଜନ ପଣ୍ଡା, ଓଡ଼ିଆ ବିଭାଗ ମୁଖ୍ୟ ରଞ୍ଜିତ କୁମାର ପହି, ଦର୍ଶନ ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ସନାତନ ଦାସ, ଆଇ ସିସି ମୁଖ୍ୟ ରୀନା ରାୟ, ପ୍ରମୋଦିନୀ ତରାଇ, ବିଜୟ ସାମଲ ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟର ନୀତି ନିୟମ ମାନ ବିଷୟ ରେ ଅବଗତ କରିଥିଲେ ! ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ରାଉଳ, ସୁବାସ ମୁଖି ସହଯୋଗ କରିଥିଲେ।

# ମରଣ ଯନ୍ତା ପାଲଟିଛି ବିଲଣା-ମିରିପୁର ରାସ୍ତା : ପଥଚାରୀଙ୍କ ଦୁର୍ଦ୍ଦଶା

**ଭଦ୍ରକ , ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବିଲଣା- ମିରିପୁର ରାସ୍ତା ମରଣ ଯନ୍ତା ପାଲଟିଛି ।ଫଳରେ ପଥଚାରୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଏହି ରାସ୍ତାରେ ବିଲଣା ପଞ୍ଚାୟତର ମିରିପୁର, ମାଙ୍କଡ଼କୋଲା, ସମେତ ତଳଗୋପବିନ୍ଧା ପଞ୍ଚାୟତର ୭ଟି ଗ୍ରାମର ୭ଶହ ପରିବାର ଯାତାୟତ ସମୟରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଜଣାଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ସାଳନ୍ଦୀ ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଖବରରୁ ଜଣାପଡିଛି ଯେ, ବିଲଣା -ମିରିପୁର ରାସ୍ତାରେ ସାଳନ୍ଦୀ ନଈ ଉପରେ ଥିବା ପୋଲ ଧସି ଯିବାରୁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସାଳନ୍ଦୀ ନଈ ସଂସ୍କାର କାର୍ଯ୍ୟ ଚାଲିଥିବା ବେଳେ ଏପ୍ରକାର ପ୍ରରିସ୍ଥିତି ଉପୁଜିବାରୁ ଲୋକମାନେ ଯାତାୟତ ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପରେ ଅଞ୍ଚଳବାସୀ ତିହିଡ଼ିରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାପାଳ ଦିଲୀପ ରାଉତରାଏ ତୁରନ୍ତ ଏହାର ସମାଧାନ ପାଇଁ ସାଳନ୍ଦୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ବିଭାଗ ପକ୍ଷରୁ ପୋଲ ମରାମତି କାର୍ଯ୍ୟ କରାଯାଇଥିଲେ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ କରା ନଯିବାରୁ ଏହା ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଯାଉଥିବା ରୋଗୀମାନେ, ସ୍କୁଲ ଓ ଅଙ୍ଗନୱାଡି ପିଲାମାନେ ମଧ୍ୟ ଏଥିଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାଛଡା ସାଳନ୍ଦୀ ନଈ ପାଣି ମାଡ଼ରେ ରାସ୍ତାରେ ଥିବା ପୋଲର ୱାଲ ନଷ୍ଟ ହେବାରେ ଲାଗିଲାଣି। ଏହାକୁ ତୁରନ୍ତ ମରାମତି କରା ନଗଲେ ବିପଦ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଛନ୍ତି । ତୁରନ୍ତ ଏହିସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ଧୀରେନ ନାୟକ, ଶଶିକାନ୍ତ ବେହେରା, ସୂର୍ଯ୍ୟମଣୀ ବେହେରା, ପ୍ରଭାକର ବେହେରା ପ୍ରମୁଖ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ ଅମୀୟ କୁମାର ପତିଙ୍କୁ ପଚାରିବାରୁ ସେ କହିଛନ୍ତିଯେ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ପଠାଯାଇଛି । ଅନୁଦାନ ମିଳିଲେ ରାସ୍ତା ନିର୍ମାଣ କରାଯିବ ।

# ବାଲ୍ୟବିବାହ ନିରାକରଣ ନେଇ ଗୁରୁତ୍ୱ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ସରସରା ଗ୍ରାମ ପଞ୍ଚାୟତର ନାରାୟଣପୁର ଗ୍ରାମରେ, ଜଷ୍ଟ ରାଇଟ୍ସ ଫର୍ ଚ଼ିଲ୍ଡ୍ରେନ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଏକ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟିକା ବନିତା ମନ୍ତ୍ରୀ, ଚ଼ାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ସୁପରଭାଇଜର ଶୁଭ୍ରକାନ୍ତ ମେହେର ଓ କାଉନ୍‌ସେଲର ଘନଶ୍ୟାମ ସାହୁ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସିଆରପି ରୀନା ବେହେରା, ଅଙ୍ଗନୱାଡ଼ି କର୍ମୀ ମଧୁସ୍ମିତା ମହାକୁଡ଼ ଏବଂ ଆଶାକର୍ମୀ ଲକ୍ଷ୍ମୀ ଜିର୍ମା ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚ଼ାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ଓ ସମ୍ପର୍କିତ ଆଇନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚ଼ାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି କରାଯିବ, ସେନେଇ ବିସ୍ତୃତ ଆଲୋଚ଼ନା କରାଯାଇଥିଲା ।ବକ୍ତାମାନେ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବାସହ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚ଼ାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଜଳ ସଙ୍କଟ: ବଢ଼ିଲା ଟେକ୍ସାସର ଟେନସନ

ପାଣି ପାଇଁ ଆମେରିକାରେ ହାହାକାର। ଟେକ୍ସାସ ସହରରେ ୩ଲକ୍ଷ ଲୋକଙ୍କ ପାଇଁ ବାକି ମାତ୍ର ୧ ବର୍ଷର ପାଣି ! ଜଳ ନାହିଁ ତ ଜୀବନ ନାହିଁ । କଣ ହେବ ବର୍ଷେ ପରେ? ଏହାକୁ ନେଇ ଆମେରିକାରେ ବଢ଼ିଛି ଚିନ୍ତା । ଯେଉଁ ଦେଶକୁ ଶକ୍ତିଶାଳୀ ରାଷ୍ଟ୍ର କୁହାଯାଏ, ସେହି ଦେଶର ଗୋଟିଏ ସହର ଏବେ ଗୋଟିଏ ଗ୍ଲାସ୍ ପାଣି ପାଇଁ କରୁଛି ସଂଘର୍ଷ । ଆମେରିକାର ଟେକ୍ସାସର କର୍ପସ୍ କ୍ରିଷ୍ଟି ସହରରେ ଦେଖାଦେଇଛି ଭୟଙ୍କର ଜଳ ସଙ୍କଟ ! ଜଳବାୟୁ ପରିବର୍ତ୍ତନ, ଦୀର୍ଘ ମରୁଡ଼ି ଏବଂ ବଢୁଥିବା ଶିଳ୍ପାୟନ ଯୋଗୁଁ ଶୁଖିବାକୁ ବସିଛି ଏଠାକାର ଜଳଭଣ୍ଡାର। ସବୁଠୁ ବଡ଼ ଚିନ୍ତାର କଥା ହେଉଛି...ପ୍ରାୟ ୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ପାନୀୟ ଜଳ ଭଣ୍ଡାରରେ ବାକି ରହିଛି ମାତ୍ର ଗୋଟିଏ ବର୍ଷର ପାଣି ! ଏହି ସଙ୍କଟ ପଛରେ କେବଳ ପ୍ରକୃତି ନୁହେଁ, ମଣିଷର ବଢୁଥିବା ଜଳ ବ୍ୟବହାର ମଧ୍ୟ ଦାୟୀ । ବଡ଼ ବଡ଼ ପେଟ୍ରୋକେମିକାଲ୍ ଓ ପ୍ଲାଷ୍ଟିକ୍ କାରଖାନା ପାଇଁ ପ୍ରତିଦିନ ବ୍ୟବହାର ହେଉଛି ଲକ୍ଷ ଲକ୍ଷ ଲିଟର ପାଣି । ଅର୍ଥାତ୍... ଲୋକଙ୍କ ତୃଷ୍ଣା ମେଣ୍ଟାଇବା ପାଣି, ଶିଳ୍ପର ତୃଷ୍ଣା ମେଣ୍ଟାଇବାରେ ଶେଷ ହେଉଛି ! ଉଦାହରଣ ସ୍ୱରୂପ, ୨୦୨୨ ମସିହାରେ କାର୍ଯ୍ୟକ୍ଷମ ହୋଇଥିବା ଏକ ବଡ଼ ପ୍ଲାଷ୍ଟିକ୍ ରାସାୟନିକ କାରଖାନା କେବଳ ଏହାର ଶୀତଳୀକରଣ ପ୍ରକ୍ରିୟା ପାଇଁ ପ୍ରତିଦିନ ସେତିକି ପାଣି ବ୍ୟବହାର କରେ ଯେତିକି ସମଗ୍ର ସହରର ନାଗରିକମାନେ ମିଶିକି ଖର୍ଚ୍ଚ କରନ୍ତି । ଶିଳ୍ପ ଚାହିଦା ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ଆବଶ୍ୟକତା ମଧ୍ୟରେ ଏହି ଅସନ୍ତୁଳନ ଜଳସମ୍ପଦକୁ ଦ୍ରୁତ ଗତିରେ ହ୍ରାସ କରୁଛି। ଜଳ ଅଭାବର ସମାଧାନ ପାଇଁ, ସ୍ଥାନୀୟ ପ୍ରଶାସନ ସମୁଦ୍ର ଜଳକୁ ମଧୁର ଜଳରେ ପରିଣତ କରିବା ପାଇଁ ଏକ ଡିସାଲିନେସନ୍ ପ୍ଲାଣ୍ଟ ଯୋଜନା କରିଥିଲା। ସମୁଦ୍ର ପାଣିକୁ ପିଇବା ଯୋଗ୍ୟ କରିବା ପାଇଁ ଡିସାଲିନେସନ୍ ପ୍ରକଳ୍ପ ଯୋଜନା ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହା ଅଟକି ରହିଛି। ଏହି ପ୍ରକଳ୍ପର ପ୍ରାଥମିକ ଲକ୍ଷ୍ୟ ଥିଲା ସହର ପାଇଁ ଦୈନିକ ଲକ୍ଷ ଲକ୍ଷ ଲିଟର ବିଶୁଦ୍ଧ ପାନୀୟ ଜଳ ଉତ୍ପାଦନ କରିବା । ନୂତନ ଜଳ ଉତ୍ସ ବିକାଶରେ ପ୍ରଶାସନିକ ବିଳମ୍ବ ସଙ୍କଟକୁ ଆହୁରି ତୀବ୍ର କରିଛି, ଯାହା ଭବିଷ୍ୟତକୁ କଷ୍ଟକର କରିଦେଇଛି। ପରିସ୍ଥିତି ଗମ୍ଭୀର ହେବା ପରେ ପ୍ରଶାସନ ଲଗାଇଛି କଡ଼ା ନିୟମ । ବଗିଚାରେ ପାଣି ଦେବା, ଗାଡ଼ି ଧୋଇବା ଭଳି କାମ ଉପରେ ରୋକ୍ ଲଗାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ଯେ ଯଦି ଜଳଭଣ୍ଡାରରେ ଜଳସ୍ତର ଆହୁରି ହ୍ରାସ ପାଏ, ତେବେ ଆଗାମୀ ଦିନରେ ସମୟ-ସୀମିତ ଏବଂ ଜରୁରୀକାଳୀନ ଟ୍ୟାପ୍ ପାଣି କାଟ୍ କାର୍ଯ୍ୟକାରୀ କରାଯିବ। ପ୍ରଶାସନ ବାସିନ୍ଦାମାନଙ୍କୁ ପ୍ରତ୍ୟେକ ବୁନ୍ଦା ପାଣିକୁ ସୁବିଚାର ସହିତ ବ୍ୟବହାର କରିବାକୁ ଅନୁରୋଧ କରୁଛି। ଏହି ସଙ୍କଟର ସ୍ଥାୟୀ ସମାଧାନ ପାଇଁ, ପ୍ରଶାସନ ଗଭୀର ଭୂତଳ କୂପରୁ ପାଣି ପମ୍ପ କରିବା ଏବଂ କାରଖାନା ପାଇଁ ପୁନଃଚକ୍ରିତ ବର୍ଜ୍ୟଜଳ ବ୍ୟବହାର କରିବା ବିଷୟରେ ବିଚାର କରୁଛି। ବିଶାଳ ଡିସାଲିନେସନ୍ ପ୍ଲାଣ୍ଟ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ଯୋଜନା ଚାଲିଛି। ତଥାପି ଏହି ସମସ୍ତ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ପାଇଁ କୋଟି କୋଟି ଡଲାର ପାଣ୍ଠି ଆବଶ୍ୟକ ଏବଂ ଏହା ସମାପ୍ତ ହେବାକୁ ବର୍ଷ ବର୍ଷ ଲାଗିପାରେ । ଟେକ୍ସାସର ଏହି ସଙ୍କଟ କେବଳ ଗୋଟିଏ ସହରର କାହାଣୀ ନୁହେଁ...ଏହା ସାରା ବିଶ୍ୱ ପାଇଁ ଏକ ବଡ଼ ଚେତାବନୀ । କାରଣ ଆଜି ଯଦି ପାଣି ପାଇଁ ଟେକ୍ସାସ ଚିନ୍ତିତ, ତେବେ ଆସନ୍ତାକାଲି ଏହି ସଙ୍କଟ ଅନ୍ୟ କୌଣସି ସହରର ଦ୍ୱାର ଠକ୍ ଠକ୍ କରିପାରେ । ପାଣି ବଞ୍ଚିଲେ ହିଁ ଜୀବନ ବଞ୍ଚିବ... ନଚେତ୍ ଆସନ୍ତା ଭବିଷ୍ୟତରେ ଯୁଦ୍ଧ ହେବ ପାଣି ପାଇଁ! ପ୍ରତିଟି ଜଳବିନ୍ଦୁକୁ ଜୀବନ ସହ ତୁଳନା କରାଯାଇଛି। ଏଥିପାଇଁ ସାମୁହିକ ସତର୍କତା ଆବଶ୍ୟକ।

## ଆପଣଙ୍କ ମତାମତ

**ମହାଶୟ, ନମସ୍କାର**

ନଦୀ-ମାତାଙ୍କୁ ବଞ୍ଚାଇବା କଣ ପ୍ରକୃତ ସଶକ୍ତୀକରଣ ନୁହେଁ? ଏହି ବର୍ଷା ଋତୁରେ ମହାନଦୀ, କାଠଯୋଡ଼ି ଏବଂ କୁଆଖାଇ ନଦୀ ଜଳରେ ପରିପୂର୍ଣ୍ଣ ହୋଇ ଉଛୁଳି ଉଠୁଥିବା ଦୃଶ୍ୟ ଦେଖି ମନ ଆନନ୍ଦିତ ହୁଏ। କିନ୍ତୁ, ମାତ୍ର କିଛି ମାସ ପୂର୍ବରୁ ଏହି ନଦୀ-ମାତାମାନେ ପ୍ରାୟ ଶୁଷ୍କ ହୋଇଯାଇଥିଲେ ଓ ସେମାନଙ୍କର ସେହି କରୁଣ ଅବସ୍ଥା ଦେଖି ପ୍ରତ୍ୟେକ ସମ୍ବେଦନଶୀଳ ଓଡ଼ିଆଙ୍କ ହୃଦୟ ବ୍ୟଥିତ ହୋଇଥିଲା। ମନରେ ସ୍ୱତଃ ପ୍ରଶ୍ନ ଉଙ୍କି ମାରେ ଯେ "ସୁଭଦ୍ରା ଯୋଜନା" ଅଧୀନରେ ମହିଳାମାନଙ୍କୁ "ସଶକ୍ତ" କରିବା ପାଇଁ ୫୫,୮୨୫ କୋଟି ଟଙ୍କା ବ୍ୟୟ କରିବାର ବ୍ୟବସ୍ଥା କରାଯାଇଛି। ଏହି ପରିମାଣର ଅର୍ଥରେ, ଓଡ଼ିଶାର ଜୀବନରେଖା ତଥା ସର୍ବାଧିକ ପୂଜ୍ୟ "ମହାନଦୀ" ଉପରେ ଆଉ ଦୁଇଟି ବୃହତ୍ ବନ୍ଧ ନିର୍ମାଣ କରାଯାଇପାରିବ ନାହିଁ କି? ଯଦି ଏଭଳି ସମ୍ଭବ, ତେବେ ଜଳ ସଂରକ୍ଷଣ ଏବଂ ଜଳ ପରିଚାଳନାର ସ୍ଥାୟୀ ବ୍ୟବସ୍ଥା ହୋଇ ପାରିବ ଓ ତେବେ ଯାଇଁ କୃଷି, ପାନୀୟ ଜଳ, ଶିଳ୍ପ, ବିଦ୍ୟୁତ ଉତ୍ପାଦନ, ଭୂତଳ ଜଳସ୍ତର ବୃଦ୍ଧି, ସାରା ଓଡିଶାର ସବୁଜିକରଣ ଏବଂ ବିଶେଷ କରି, ଭବିଷ୍ୟତ ପିଢ଼ି ପାଇଁ ଜଳର ସୁରକ୍ଷା ; ସବୁ କ୍ଷେତ୍ରରେ ସମଗ୍ର ଓଡ଼ିଶା ଓ ଓଡ଼ିଶାବାସୀ ସଶକ୍ତ ହେବେ ନାହିଁ କି? ପ୍ରତିଟି ଟଙ୍କା, ରାଜକୋଷରୁ ବିନିଯୋଗ କରିବା ପୂର୍ବରୁ ସେହି ପଇସାରେ କଣ ବିକଳ୍ପ ଯୋଜନା ମାନ ପଡ଼ିରହିଛି ଯାହା କାର୍ଯ୍ୟକାରୀ କଲେ ଅଧିକରୁ ଅଧିକ ନାଗରିକଙ୍କୁ ଦୀର୍ଘକାଳୀନ ଉପକାର ମିଳିପାରିବ ଓ ଆମ ପ୍ରଦେଶର "ସକଳ ଘରୋଇ ଉତ୍ପାଦନ " ବୃଦ୍ଧି ପାଇବ, ତାହା ସରକାର ବିଚାରକୁ ନେବା ସମିଚୀନ ମନେହୁଏ।

କେବଳ କୌଣସି ବ୍ୟକ୍ତିଙ୍କୁ ନୁହେଁ, ବରଂ ପ୍ରାକୃତିକ ସମ୍ପଦକୁ ଓ ଜନ ସମୂହଙ୍କୁ ସଶକ୍ତ କରିବା ହିଁ ଦୀର୍ଘସ୍ଥାୟୀ ବିକାଶର ପ୍ରକୃତ ପନ୍ଥା।

**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
ଭୁବନେଶ୍ୱର
ମୋ-୯୪୩୯୪୯୦୦୦୯

# ଜାତିବାଦୀ ରାଜନୀତି ଓ ଭାରତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଭାରତର ରାଜନୀତି ଏବେ ଦେଶର ସାମାଜିକ ସଂରଚନାର ଆଭ୍ୟନ୍ତରୀଣ ମତଭେଦର ଶୀକାର ହୋଇଛି । ଏକଦା ଇଂରେଜଙ୍କ ବିରୁଦ୍ଧରେ ଏକଜୁଟ ହୋଇ ଲଢ଼େଇ କରିଥିବା ଏ ଦେଶର ଜନତା ଧିରେ ଧିରେ ଏଇ ସଂରଚନାର ଅନ୍ତଃବିରୋଧର ଗ୍ରସ୍ତ ହେବାରେ ଲାଗିଛନ୍ତି। ଏହି କାରଣରୁ ଭାରତରେ ଜାତିବାଦୀ ରାଜନୀତି ବଢ଼ିବାରେ ଲାଗିଛି ଏବଂ ଏକ ନୂଆ ସମୀକରଣ ସୃଷ୍ଟି କରିବା ଆରମ୍ଭ କରିଦେଇଛି। ଏକଥା ନୁହେଁ ଯେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଲଢ଼ାଯାଇଥିବା ସ୍ୱାଧିନତା ସଂଗ୍ରାମ ସମୟରେ ଏହି ବିସଂଗତି ନଥିଲା। ଥିଲା କିନ୍ତୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଜନତାଙ୍କ ପ୍ରତି ସମର୍ପଣ ଭାବ ଏହି ବିସଂଗତିକୁ ଏଡ଼େଇବାରେ ସକ୍ଷମ ହୋଇଥିଲା। ଗାନ୍ଧୀ ଭାରତୀୟ ସମାଜର ଏସବୁ ଦୁର୍ବଳତା ବା ବିସଂଗତି ବାବଦରେ ସଂପୂର୍ଣ୍ଣ ଭାବେ ଅବଗତ ଥିଲେ ଏଥିପାଇଁ ସେ ରାମରାଜ୍ୟର ବିଚାରକୁ ଗୁରୁତ୍ୱ ଦେଉଥିଲେ ଯେଉଁଥିପାଇଁ ଭାରତୀୟ ସମାଜର ସବୁ ବର୍ଗ ତାଙ୍କ ନେତୃତ୍ୱକୁ ଗ୍ରହଣ କରି ଇଂରେଜଙ୍କ ବିରୁଦ୍ଧରେ ଲଢ଼ିଥିଲେ। ଗାନ୍ଧୀ ୧୯୩୧ରୁ ୧୯୩୬ ପର୍ଯ୍ୟନ୍ତ ଭାରତର ହିନ୍ଦୁ ସମାଜ ଦଳିତ ମାନଙ୍କୁ କରୁଥିବା ଦୁର୍ବ୍ୟବହାର ବିରୁଦ୍ଧରେ ଆନ୍ଦୋଳନ କରିଥିଲେ ଯେଉଁଥିପାଇଁ ତାଙ୍କ ଉପରେ ଦୁଇଥର ମରଣାତ୍ମକ ଆକ୍ରମଣ ମଧ୍ୟ ହୋଇଥିଲା। ଗାନ୍ଧୀ ସେତେବେଳେ ତଥାକଥିତ ଅସ୍ପୃଶ୍ୟ କୁହାଯାଉଥିବା ଜାତି ମାନଙ୍କର ଉତ୍ଥାନ ପାଇଁ ଜନ ଜାଗରଣ ସୃଷ୍ଟି କରିଥିଲେ ଏବଂ ସେମାନଙ୍କୁ ହରିଜନ ଆଖ୍ୟା ଦେଇଥିଲେ। ଗାନ୍ଧୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇ ସେମାନଙ୍କୁ ହିନ୍ଦୁ ସମାଜର ଅଭିନ୍ନ ଅଂଗରେ ପରିଣତ କରାଇଥିଲେ ଏବଂ ୧୯୩୨ ମସିହାରେ ପୁଣେରେ ଏହି ସମାଜର ନେତା ଡ଼କ୍ଟର ଭୀମରାଓ ଆମ୍ବେଦକରଙ୍କ ସହ ଆଲୋଚନା କରି ତଥାକଥିତ ଅସ୍ପୃଶ୍ୟଙ୍କ ପାଇଁ ଆମ୍ବେଦକର ଯେଉଁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦାବି କରୁଥିଲେ ତାଙ୍କୁ ବନ୍ଦ କରିଦେଇଥିଲେ।

ଇଂରେଜମାନେ ଚାହୁଁଥିଲେ ଭାରତୀୟ ସମାଜକୁ ବିଖଣ୍ଡିତ କରି ସାମୁହିକ ଶକ୍ତିକୁ ନଷ୍ଟ କରିଦେବା ପାଇଁ। ୧୯୦୯ରେ ଇଂରେଜ ସରକାର ମୁସଲମାନ ମାନଙ୍କୁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦେଇ ସାରିଥିଲେ ଏବଂ ଶିଖ ସମାଜ ପାଇଁ ୧୯୧୯ରେ ଏହି ବ୍ୟବସ୍ଥା ଲାଗୁ କରାଇଥିଲେ। ଏହା ପରେ ସେମାନେ ହିନ୍ଦୁ ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଆମ୍ବେଦକର ଗାନ୍ଧୀଙ୍କ ପରାମର୍ଶକୁ ବୁଝିପାରିଥିଲେ ଓ ହିନ୍ଦୁ ସମାଜ ସହ ରହିବା ପାଇଁ ରାଜି ହୋଇଥିଲେ। କିନ୍ତୁ ଆମ୍ବେଦକରଙ୍କ ସର୍ତ୍ତଥିଲା ବିଭିନ୍ନ ନିର୍ବାଚିତ ସଂସ୍ଥାରେ ହରିଜନ ମାନଙ୍କୁ ସଂରକ୍ଷଣ ମିଳିବ। ଏଣୁ ଭାରତ ସ୍ୱାଧିନ ହେବା ପରେ ଭାରତର ସଂବିଧାନରେ ଦଳିତ ଓ ଆଦିବାସୀଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଗଲା। ପରନ୍ତୁ ଭାରତରେ ଏକ ନୂଆ ଦାବି ଉଠିଲା ଯେ ପଛୁଆ ବର୍ଗଙ୍କୁ ଶିକ୍ଷିତ କରାଯାଇ ଉପରକୁ ଉଠିବାକୁ ଦିଆଯାଉ ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲା ନେହେରୁ ୧୯୫୩ ମସିହାରେ ପ୍ରଖ୍ୟାତ ସମାଜ ବିଜ୍ଞାନୀ କକା ସାହେବ କାଲେଲକରଙ୍କ ନେତୃତ୍ୱରେ ଏକ ପଛୁଆ ବର୍ଗ କମିଶନ ଗଠନ କରିଥିଲେ। କାଲେଲକର କମିଶନ ସାମାଜିକ ସଂରଚନାରେ ଗ୍ରାମୀଣ ସମାଜର ବହୁସଂଖ୍ୟକ ଲୋକଙ୍କ ବ୍ୟତୀତ ମହିଳା ମାନଙ୍କୁ ମଧ୍ୟ ପଛୁଆ ବୋଲି ଘୋଷିତ କରିଦେଲେ। ଏଣୁ ପଛୁଆ ବର୍ଗର ପରିଭାଷା ବ୍ୟାପକ ହୋଇଗଲା। ଏବଂ କାଲେଲକର କମିଶନଙ୍କ ରିପୋର୍ଟ ଉପରେ ନେହେରୁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। କିନ୍ତୁ ସମ୍ବିଧାନରେ ଉଲ୍ଲିଖିତ ସମାଜକୁ ଦିଆଯିବାକୁ ଥିବା ସୁବିଧା ସୁଯୋଗ ସବୁ ଦିଆଗଲା।

କିନ୍ତୁ ପରବର୍ତ୍ତୀ ସମୟରେ ପଛୁଆ ବର୍ଗ (ଜାତି)ଙ୍କୁ ଭୋଟବ୍ୟାଙ୍କ ଭାବେ ପ୍ରସ୍ତୁତ କରିବାର ଉଦ୍ୟମ ହେଲା ଏବଂ ସାମାଜିକ ନ୍ୟାୟ ନାମରେ ଏହି କାର୍ଯ୍ୟର ଆରମ୍ଭ କରିଥିଲେ ସମାଜବାଦୀ ନେତା ଡ଼କ୍ଟର ରାମ ମନୋହର ଲୋହିଆ। ଲୋହିଆ ଏହି ବର୍ଗଙ୍କର ତତ୍କାଳୀନ କଂଗ୍ରେସ ଶାସନ ଉପରୁ ମୋହଭଙ୍ଗ କରିବା କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଲୋହିଆଙ୍କ ଏହି ଉଦ୍ୟମ ସତ୍ତ୍ୱେ ଭାରତୀୟ ରାଜନୀତିରେ କଂଗ୍ରେସର ସ୍ଥିତି ସୁଦୃଢ଼ ଥିଲା ଏବଂ ଗ୍ରାମାଞ୍ଚଳର ଲୋକେ ଅନେକ ପରିମାଣରେ କଂଗ୍ରେସକୁ ସମର୍ଥନ ଜାରି ରଖିଥିଲେ। ସବୁ ଦଳିତ ସମାଜ ଏବଂ ସଂଖ୍ୟାଲଘୁ ମୁସଲିମ ସମାଜ କଂଗ୍ରେସକୁ ସମର୍ଥନ କରୁଥିଲେ। ୧୯୬୭ର ସାଧାରଣ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠ ହୋଇପାରିନଥିଲା। ଉତ୍ତର ଭାରତର କେତେକ ରାଜ୍ୟରେ ତତ୍କାଳୀନ ଜନସଂଘ (ବର୍ତ୍ତମାନର ବିଜେପି) ଓ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ଗୁରୁତ୍ୱ ବଢ଼ିଥିଲା ଓ ଦେଶର ଅନ୍ୟ କେତେକ ରାଜ୍ୟରେ ଚକ୍ରବର୍ତ୍ତୀ ରାଜଗୋପାଳଚାରିଙ୍କ ସ୍ୱତନ୍ତ୍ର ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟି ସେମାନଙ୍କର ସ୍ଥିତି ସୁଦୃଢ଼ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଉତ୍ତର ପ୍ରଦେଶରେ ଏମିତି ଘଟଣା ଘଟିଲା ଯେ କଂଗ୍ରେସ ଭିତରେ କମ୍ପନ ସୃଷ୍ଟି ହୋଇଥିଲା କାରଣ ପଶ୍ଚିମ ଉତ୍ତର ପ୍ରଦେଶର ଛପରୋଲି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ବିଧାୟକ ଓ ପୁର୍ବତନ ମନ୍ତ୍ରୀ ଚୌଧୁରି ଚରଣ ସିଂହ ଶାସନ ମୁଖ୍ୟ (ମୁଖ୍ୟମନ୍ତ୍ରୀ) ହେବା ପାଇଁ ଉଦ୍ୟମ କରିଥିଲେ ଓ କଂଗ୍ରେସର ମୁଖ୍ୟମନ୍ତ୍ରୀ ଥିବା ଚନ୍ଦ୍ରଭାନୁଗୁପ୍ତାଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ। ତାଙ୍କୁ ବୁଝାଇବା ପାଇଁ କଂଗ୍ରେସ ହାଇକମାଣ୍ଡ ଉଦ୍ୟମ କରିଥିଲେ କିନ୍ତୁ ଚରଣ ସିଂହ ୧୪ ବିଧାୟକଙ୍କ ସହ କଂଗ୍ରେସ ଦଳ ଛାଡିଥିଲେ। ସେତେବେଳେ ଉତ୍ତର ପ୍ରଦେଶ ବିଧାନ ସଭାର ସବୁ ବିରୋଧି ଦଳ ମାନେ ତାଙ୍କୁ ନେତା ବୋଲି ଘୋଷଣା କରିଥିଲେ ଓ ଚରଣ ସିଂହ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଚରଣ ସିଂହଙ୍କ ବିଦ୍ରୋହକୁ ଏକ ଭିନ୍ନ ରପ ଦିଆଗଲା ଓ ଏହାକୁ ପଛୁଆ ଜାତି ତାଙ୍କ ଦାବି ହାସଲ କରିଛନ୍ତି ବୋଲି ପ୍ରଚାର କରାଗଲା। ଚରଣ ସିଂହଙ୍କୁ ଅନୁକରଣ କରି ଅନ୍ୟ କେତେକ ରାଜ୍ୟରେ କଂଗ୍ରେସ ବିଧାୟକ ମାନେ ବିଦ୍ରୋହ ଆରମ୍ଭ କରିଥିଲେ। ଚରଣସିଂହ କିନ୍ତୁ ଜାତିବାଦର ବିରୋଧି ଥିଲେ ଓ ସେ ନିଜେ ଆର୍ଯ୍ୟ ସମାଜି ଥିଲେ। ଚୌଧୁରୀ ଚରଣ ସିଂହ ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳର ଜାତି ମାନଙ୍କୁ ଏକତ୍ରୀତ କରିବା ଆରମ୍ଭ କଲେ ଫଳତଃ ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ବର୍ଗ ତାଙ୍କ ପ୍ରତି ଆକର୍ଷିତ ହେଲେ। କିନ୍ତୁ ଏହା ସତ୍ତ୍ୱେ ଭାରତର ରାଜନୀତିରେ ଏଭଳି ପରିବର୍ତ୍ତନ ହେଲା ଯାହା ପୁରା ଦେଶର ଛବି/ଦିଶା ବଦଳାଇ ଦେଇଥିଲା। ୧୯୭୧ ଲୋକସଭା ନିର୍ବାଚନରେ କଂଗ୍ରେସ (ଇନ୍ଦିରା ଗାନ୍ଧୀ)କୁ ପ୍ରଚଣ୍ଡ ସଂଖ୍ୟାରେ ଏ ଦେଶର ଜନତା ଜିତାଇଥିଲେ। ସେତେବେଳେ ସବୁ ବିରୋଧିଦଳ ଏକଜୁଟ ହୋଇମଧ୍ୟ କଂଗ୍ରେସକୁ ହରାଇ ପାରିନଥିଲେ। ଏଥି ପୁର୍ବରୁ ୧୯୬୯ରେ କଂଗ୍ରେସ ବିଭାଜିତ ହୋଇଥିଲା ଓ କଂଗ୍ରେସର ନେତୃତ୍ୱ ନେଇଥିଲେ ଇନ୍ଦିରାଗାନ୍ଧୀ।

ଏହା ପରେ ଜରୁରୀକାଳୀନ ପରିସ୍ଥିତି ପରେ କଂଗ୍ରେସର ପରାଜୟ ଓ ମୋରାରଜୀ ଦେଶାଇଙ୍କ ସରକାର, ଚୌଧୁରୀଚରଣ ସିଂହଙ୍କ ସରକାର ପରେ ପୁଣି ଇନ୍ଦିରାଗାନ୍ଧୀ, ରାଜୀବଗାନ୍ଧୀ, ଭିପି ସିଂହ, ଚନ୍ଦ୍ର ଶେଖର, ପିଭି ନରସିଂହରାଓ, ଅଟଳ ବିହାରୀ ବାଜପେୟୀ, ଦେବେଗୌଡ଼ା, ମନମୋହନ ସିଂହ ଓ ଏବେ ନରେନ୍ଦ୍ର ମୋଦୀଙ୍କ ଶାସନ ଚାଲିଛି। କିନ୍ତୁ ଜାତିଆଣ ଭୋଟ ବ୍ୟାଙ୍କ ପ୍ରକ୍ରିୟା ବଢ଼ି ଚାଲିଛି। ଇଂରେଜମାନେ ସେତେବେଳେ ଜାତି ଜାତି ଭିତରେ ବିଭାଜନ କରିବାକୁ ଚାହୁଁଥିଲେ କିନ୍ତୁ ଏବେ ନେତା ଚାହୁଁଛନ୍ତି ଜାତି ଆଧାରରେ ଭୋଟ। ଜାତିକୁ ନେଇ ରାଜନୀତି ଏବେ ଅସମ୍ଭାଳ ଅବସ୍ଥାରେ ପହଞ୍ଚିଲାଣି। ଗାନ୍ଧୀଙ୍କ କଥା ଜନତା ଭୁଲିଗଲେଣି। ଦେଖାଯାଉ ଏଭଳି କେତେ ଦିନ ଚାଲିବ? ଜାତିଗତ ବିଭେଦ ଓ ଜାତିଆଣ ଭୋଟବ୍ୟାଙ୍କ ବ୍ୟବସ୍ଥା କେବେ ବିଲୋପ ହେବ?

# ବିବାଦରେ ବନ୍ଦେ ମାତରଂ

ବିନୋଦ
ଭୁବନେଶ୍ୱର
ମୋ.ନଂ- ୯୪୩୭୧୬୪୭୬୪

ଭାରତ ପରି ଏକ ବହୁ ଜାତି, ବର୍ଣ୍ଣ, ଧର୍ମ, ବିଶ୍ୱାସ, ଭାବନା ସମ୍ବଳିତ ଦେଶରେ ମୌଳବାଦର ଜାତୀୟକରଣ ଏବେ ପ୍ରମୁଖ ପ୍ରସଙ୍ଗ ହୋଇଛି। ହିନ୍ଦୁତ୍ୱବାଦୀ ଆଭିମୁଖ୍ୟ ନେଇ ସମ୍ବିଧାନ ସଂଶୋଧନ, ଆଇନ, ନୀତି, ନିୟମ, ଏକକ ନାଗରିକ ସଂହିତା ଆଦିରେ ପରିବର୍ତ୍ତନ ଆଣିବା ବା ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ତାହାକୁ କାର୍ଯ୍ୟକାରୀ କରିବା ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏହାର ଏକ ବଳିଷ୍ଠ ଉଦାହରଣ ହେଲା ଜାତୀୟ ସମ୍ମାନ ପ୍ରତି ଅପମାନ ନିରାକରଣ (ସଂଶୋଧନ) ବିଲ୍-୨୦୨୬। ଜାତୀୟ ସଂଗୀତ ବା (NATIONAL ANTHEM) 'ଜନ ଗଣ ମନ' ପରି ଜାତୀୟ ଗୀତ ବା (NATIONAL SONG) ବନ୍ଦେ ମାତରଂକୁ ସମାନ ମର୍ଯ୍ୟାଦା ଦେବା ଲାଗି ଏହା ଉଦ୍ଦିଷ୍ଟ। ଏପରିକି ବନ୍ଦେ ମାତରଂ ଗୀତକୁ ଅପମାନ କରାଗଲେ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଏହାକୁ ଏକ ଅପରାଧିକ ମାମଲା ବୋଲି ବିଚାର କରାଯିବ। ପୂର୍ବରୁ ରହିଥିବା ଜାତୀୟ ସମ୍ମାନ ଆଇନ-୧୯୭୧ରେ ସଂଶୋଧନ ଅଣାଯାଇଛି। ଜାତୀୟ ପତାକା, ସମ୍ବିଧାନ ଓ ଜାତୀୟ ସଂଗୀତ ପ୍ରତି କୌଣସି ପ୍ରକାର ଅପମାନକୁ ବରଦାସ୍ତ ନ କରିବା ବ୍ୟବସ୍ଥା ହୋଇଛି। ୧୯୭୧ ଆଇନରେ ଥିବା କିଛି ବ୍ୟବସ୍ଥାର ରିପିଟ ହୋଇଥିବାବେଳେ ଏଥିରେ ବନ୍ଦେ ମାତରଂକୁ ଯୋଗ କରାଯାଇଛି। ୧୯୫୦ ଜାନୁଆରୀ ୨୪ରେ ସମ୍ବିଧାନ ସଭାର ବୈଠକରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଦର୍ଶାଇଥିଲେ- ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିବା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବନ୍ଦେ ମାତରଂକୁ ଜାତୀୟ ସଂଗୀତ ପରି ସମାନ ମର୍ଯ୍ୟାଦା ଦିଆଯାଉ। ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି ରାଜେନ୍ଦ୍ର ପ୍ରସାଦଙ୍କ ଏହି ମନ୍ତବ୍ୟକୁ ସରକାର ବିଚାରକୁ ନେଇଛନ୍ତି। ଏକଥା ସତ୍ୟ ଯେ, ସ୍ୱାଧୀନତା ସଂଗ୍ରାମରେ ବନ୍ଦେ ମାତରଂର କିଛି ଭୂମିକା ଥିଲା। ଏହାର ଅର୍ଥ ନୁହେଁ ଯେ, ଏହାକୁ ପ୍ରତି ଭାରତୀୟଙ୍କ ଭାବନା ଉପରେ ଲଦି ଦିଆଯିବ। ଜନ ଗଣ ମନ ଜାତୀୟ ସଂଗୀତ ରହିଥିବା ବେଳେ ବନ୍ଦେ ମାତରଂକୁ ଲଦି ଦେବା ଘଟଣା ଭାରତୀୟ ସମ୍ବିଧାନ, ମୌଳିକ ଅଧିକାର, ଇଚ୍ଛା ପ୍ରକାଶ କରିବାର ଅଧିକାରକୁ କ୍ଷୁଣ୍ଣ କରୁନାହିଁ କି? ଖୋଦ୍ ସମ୍ବିଧାନରେ ଉଲ୍ଲେଖ ରହିଛି- ଆଇନଗତ ବ୍ୟବସ୍ଥା ଜରିଆରେ ଦେଶପ୍ରେମ ଓ ଜାତୀୟତାବାଦକୁ ଲଦି ଦିଆଯାଇପାରିବ ନାହିଁ। ଏହା ଯଦି କରାଯାଏ ତେବେ ସମାଜକୁ ବହୁଧା ବିଭକ୍ତ କରିବା ଲାଗି ଅପଚେଷ୍ଟା ବୋଲି କୁହାଯିବ। ସ୍ୱାଧୀନତା ସଂଗ୍ରାମ ପ୍ରକ୍ରିୟାରେ ବନ୍ଦେ ମାତରଂକୁ ଜାତୀୟତାବାଦର ପ୍ରତୀକ ବୋଲି ବିବେଚନା କରାଯାଉଥିବାବେଳେ ବାସ୍ତବରେ ତାହା ହିନ୍ଦୁତ୍ୱର ପ୍ରତୀକ ଥିଲା। ଏପରି ଅବସ୍ଥାରେ ସରକାରଙ୍କ ଏହି ପଦକ୍ଷେପ ଭାରତୀୟତା ପ୍ରତି ଏକ ଚାଲେଞ୍ଜ ସୃଷ୍ଟି କରିଛି। ଫଳରେ ବନ୍ଦେ ମାତରଂ କହିବ ଯଦି ଭାରତ ମାଟିରେ ରହିବ ସିଏ ବୋଲି ଯେଉଁମାନେ ମୌଳବାଦୀ ସ୍ଲୋଗାନ ଦେଉଛନ୍ତି ସେମାନଙ୍କ ଲାଗି ସୁହାଇଛି। ସଂସଦ ପରି ଏକ ସାର୍ବଜନୀନ ପ୍ରତିଷ୍ଠାନରେ ରାଜେନ୍ଦ୍ର ପ୍ରସାଦଙ୍କ ପରି ଜଣେ ବ୍ୟକ୍ତିବିଶେଷଙ୍କ ମାନସିକତାକୁ କିପରି ପ୍ରତିଫଳିତ କରାଯାଇପାରିବ? ଏହା ଦ୍ୱାରା ସମ୍ବିଧାନର ମୌଳିକ ଆଦର୍ଶ କ୍ଷୁଣ୍ଣ ହେଉନାହିଁ କି? ଜଣେ ପୂର୍ବତନ ରାଷ୍ଟ୍ରପତି ୭୬ ବର୍ଷ ତଳେ କ'ଣ କହିଥିଲେ- ତାହାକୁ ନେଇ ସରକାର ଏକ ଆଇନ ଆଣିବା କେତେଦୂର ଯୁକ୍ତିଯୁକ୍ତ? ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମତକୁ କିପରି ୧୪୦ କୋଟି ଭାରତୀୟ ଅଧିକାର ଉପରେ ଲଦି ଦିଆଯିବ? ଜନ ଗଣ ମନ ସଂଗୀତର ମୂଳ ଲେଖା ୬ଟି ପଦ ବା ଷ୍ଟାଞ୍ଜାରେ ରଚିତ ହୋଇଥିବେଳେ ପ୍ରଥମ ଦୁଇ ପଦ ବା ଷ୍ଟାଞ୍ଜାକୁ ହିଁ ଜାତୀୟ ସଂଗୀତର ମାନ୍ୟତା ଦିଆଯାଇଛି। ହେଲେ ନୂଆ ବ୍ୟବସ୍ଥାରେ ସମସ୍ତ ୬ଟି ଯାକ ଷ୍ଟାଞ୍ଜାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମତଃ କବିତାଟି ଦୀର୍ଘ ହେବାରୁ ପ୍ରଥମ ପଦଟିକୁ ଜାତୀୟ ସଂଗୀତ ଭାବେ ନିଆଯାଇଥିଲା। ଦ୍ୱିତୀୟତଃ ଧର୍ମ ନିରପେକ୍ଷତା, ସମସ୍ତ ନାଗରିକଙ୍କ ସମାନ ଅଧିକାରକୁ ବିଚାରକୁ ନେଇ କେବଳ ପ୍ରଥମ ୨ ପଦକୁ ହିଁ ଜାତୀୟ ସଂଗୀତ ମାନ୍ୟତା ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସେହି ଆଭିମୁଖ୍ୟ ପୋଷଣ କରାଯାଇନାହିଁ ଏବଂ ତାହାକୁ ରଦ୍ଦ କରାଯାଇଛି। ବନ୍ଦେ ମାତରଂକୁ ଜନ ଗଣ ମନ ସହ ତୁଳନା କରିବା ଅର୍ଥ ଜନ ଗଣ ମନର ରଚୟିତା ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତି ଅପମାନ ନୁହେଁ କି? ବନ୍ଦେ ମାତରଂକୁ ଗାଇବା ନ ଗାଇବା ବ୍ୟକ୍ତିଗତ ଇଚ୍ଛା, ଅଙ୍ଗୀକାରର କଥା। ଜଣେ ଭାରତୀୟ ବନ୍ଦେ ମାତରଂ ଗାଇବାକୁ ବାଧ୍ୟ ନୁହେଁ। ଏହାକୁ ବାଧ୍ୟତାମୂଳକ କରିବା ଲାଗି ସରକାରୀ ବ୍ୟବସ୍ଥା ବିପଜ୍ଜନକ। ଏବେ ବିଭିନ୍ନ ରାଜ୍ୟ ଏକକ ନାଗରିକ ସଂହିତା ପ୍ରଚଳନ କରୁଛନ୍ତି। ଏକ ହିନ୍ଦୁପ୍ରଧାନ ରାଜ୍ୟରେ ଅନ୍ୟ ଧର୍ମାବଲମ୍ବୀଙ୍କୁ ଯେ ଟାର୍ଗେଟ କରାଯାଉଛି ଏହା ସ୍ପଷ୍ଟ। ବିଭିନ୍ନ ଧର୍ମାବଲମ୍ବୀ ସେମାନଙ୍କ ଧାର୍ମିକ ବିଶ୍ୱାସ, ନିୟମ ମଧ୍ୟରେ ଗତି କରୁଛନ୍ତି। କେଉଁ କାଳରୁ ଏହା ଚାଲିଆସିଛି। ଯେହେତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ତେଣୁ କୌଣସି ଧର୍ମର ନିଜସ୍ୱ ନୀତି ନିୟମ ଉପରେ ହସ୍ତକ୍ଷେପ କରିବା ଅନୁଚିତ। ମାତ୍ର ବିଧାନସଭାରେ ସଂଖ୍ୟା ଗରିଷ୍ଠ ସରକାରଙ୍କ ହୀନ ଉଦ୍ଦେଶ୍ୟ ଓ ନୀତି ୟୁସିସିକୁ କାର୍ଯ୍ୟକାରୀ କରିବାରେ ସଫଳ ହେଉଛି। ବନ୍ଦେ ମାତରଂ ଗୀତ ପ୍ରସଙ୍ଗ ଏବେ ଭାରତୀୟ ନାଗରିକଙ୍କ ଲାଗି ଏକ ବଡ଼ ଚାଲେଞ୍ଜ ସୃଷ୍ଟି କରିବ। ଏହାକୁ ବିଭିନ୍ନ ସ୍ତରରେ ଓ କ୍ଷେତ୍ରରେ ଭିନ୍ନ ଉଦ୍ଦେଶ୍ୟ ରଖି ପ୍ରୟୋଗ କରାଯିବ। ୧୯୮୬ରେ ବିଜୋଇ ଏମାନୁଏଲ ଓ ଅନ୍ୟମାନେ ବନାମ କେରଳ ସରକାର ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ତାହା ଥିଲା- ଜାତୀୟ ସଂଗୀତ ଗାନ ନ କରିବାକୁ ଏକ ଅପରାଧ ଭାବେ ବିବେଚନା କରାଯାଇପାରିବ ନାହିଁ। ମୌଳିକ ଅଧିକାରକୁ କୋର୍ଟ ଅକ୍ଷୁଣ୍ଣ ରଖିବା ସହ ଧାର୍ମିକ ଓ ଆତ୍ମବିବେକର ସ୍ୱାଧୀନତାକୁ ବଳବତ୍ତର ରଖିଥିଲେ କୋର୍ଟ। ଜାତୀୟ ସଂଗୀତ ନ ବୋଲିବାରୁ ପିଲାମାନଙ୍କୁ ସ୍କୁଲରୁ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ଏହା ସମ୍ବିଧାନର ଧାରା ୧୯(୧) ଓ ଧାରା ୨୫(୧)କୁ ଉଲ୍ଲଂଘନ କରୁଛି। ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ଧାର୍ମିକ ସ୍ୱାଧୀନତାର ସାମ୍ବିଧାନିକ ମୂଲ୍ୟବୋଧ ରହିଛି। ଆମର ପରମ୍ପରା ଆମକୁ ଧୈର୍ଯ୍ୟ ଶିଖାଏ, ଆମର ଦର୍ଶନ ଆମକୁ ସହନଶୀଳତା ଶିଖାଏ ଏବଂ ଆମର ସମ୍ବିଧାନ ଆମକୁ ସହିବାର ବାର୍ତ୍ତା ଦିଏ ବୋଲି କହିଥିଲେ ସର୍ବୋଚ୍ଚ ଅଦାଲତ। କେରଳର ଏକ ବିଦ୍ୟାଳୟରେ ଜିହୋଭା ଖ୍ରୀଷ୍ଟିଆନ ବର୍ଗର କିଛି ପିଲା ଜାତୀୟ ସଂଗୀତ ନ ଗାଇବାରୁ ସେମାନଙ୍କୁ ସ୍କୁଲରୁ ବହିଷ୍କାର କରିଥିଲେ କର୍ତ୍ତୃପକ୍ଷ। ପ୍ରତିବାଦରେ ମାମଲା ପହଞ୍ଚିଥିଲା ସୁପ୍ରିମକୋର୍ଟରେ। ଧାର୍ମିକ କାରଣରୁ ସେମାନେ ଏହି ଗୀତ ବୋଲିବାକୁ ନ ଚାହିଁବାରୁ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ବହିଷ୍କାର କରିଥିଲେ। ବଙ୍କିମଚନ୍ଦ୍ର ବସ୍ତୁତଃ ମୁସଲିମ ବିରୋଧୀ ଥିଲେ। ତାଙ୍କର ଆନନ୍ଦ ମଠ ପୁସ୍ତକରେ ମୁସଲମାନଙ୍କ ବିରୋଧରେ କିଛି ଦୃଷ୍ଟିଭଙ୍ଗୀ ରହିଥିଲା। ପୁସ୍ତକରେ ସନାତନ ଧର୍ମୀମାନେ ମୁସଲମାନମାନଙ୍କ ବାସସ୍ଥଳ ପୋଡ଼ିଦେବା ପରି ମାନସିକତା ପୋଷଣ କରିବା ଦେଖାଯାଏ। ଐତିହାସିକ ଅନୁଶୀଳନରୁ ଜଣାଯାଏ ଯେ, ଇଷ୍ଟ ଇଣ୍ଡିଆ କମ୍ପାନି ବିରୋଧରେ ହିନ୍ଦୁ ସନ୍ନ୍ୟାସୀ ଓ ମୁସଲମାନମାନେ ମିଳିତ ଭାବେ ସଂଗ୍ରାମ କରିଥିଲେ ଯାହାକୁ ସନ୍ନ୍ୟାସୀ ବିପ୍ଳବ କୁହାଯାଉଥିଲା। ଏହି ବିଦ୍ରୋହ ୧୭୬୩-୧୮୦୦ ମଧ୍ୟରେ ହୋଇଥିଲା। ମାତ୍ର ନିଜ ପୁସ୍ତକରେ ବଙ୍କିମ ଚନ୍ଦ୍ର ଏହାକୁ ଏକ ସମ୍ପୂର୍ଣ୍ଣ ହିନ୍ଦୁକୈନ୍ଦ୍ରିକ ବିଦ୍ରୋହ ଭାବେ ଚିତ୍ରଣ କରିବା ସହ ଏହି ବିଦ୍ରୋହ ମୁସଲିମ ନବାବଙ୍କ ବିରୋଧରେ ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇଛନ୍ତି ଯାହାକି ସମ୍ପୂର୍ଣ୍ଣ ମୁସଲିମ ବିଦ୍ୱେଷୀ ମନୋଭାବର ପ୍ରତୀକ। ପୁସ୍ତକରେ ଦେଶ ମାତୃକା ଭାବେ ହିନ୍ଦୁ ଧର୍ମର ଦେବୀ ଦୁର୍ଗାଙ୍କୁ ଚିତ୍ରଣ କରାଯାଇଛି ଏବଂ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ ବନ୍ଦେ ମାତରଂ ଗାନ କରାଯାଇଛି। ବାସ୍ତବରେ ଏହି ପୁସ୍ତକ ଧର୍ମ ନିରପେକ୍ଷତାର ପ୍ରତୀକ ନୁହେଁ ବରଂ ହିନ୍ଦୁ ଜାତୀୟତାବାଦର ପ୍ରତୀକ। ବଙ୍କିମ ଚନ୍ଦ୍ର ଜଣେ ଆଜନ୍ମ ଦେଶପ୍ରେମୀ ନଥିଲେ। ସେ ବ୍ରିଟିଶ ଅଧୀନରେ ଜଣେ ମାଜିଷ୍ଟ୍ରେଟ ଥିଲେ। ଆନନ୍ଦ ମଠ ପୁସ୍ତକ ଯେପରି ନିଷିଦ୍ଧ ନହେବ, ତାଙ୍କ ବିରୋଧରେ ଯେପରି ଦେଶଦ୍ରୋହ ଅପରାଧ ଆଇନ ନ ଲାଗିବ ସେଥିପାଇଁ ବଙ୍କିମ ଚନ୍ଦ୍ର ନିଜ ପୁସ୍ତକରେ ବ୍ରିଟିଶ ବିରୋଧୀ ଆଭିମୁଖ୍ୟ ପୋଷଣ ନ କରି ମୁସଲିମ ବିଦ୍ୱେଷୀ କଥାବସ୍ତୁକୁ ଉପସ୍ଥାପନ କରିଥିଲେ। କୁହାଯାଏ ପୁସ୍ତକରେ ପ୍ରଥମେ ବ୍ରିଟିଶ ବିରୋଧରେ ଆହ୍ୱାନ ରହିଥିଲା। ମାତ୍ର ପରେ ସେ ଏହାକୁ ବ୍ରିଟିଶ ସପକ୍ଷବାଦୀ ଚିତ୍ର ଦେବା ସହ ମୁସଲିମ ବିରୋଧୀ ଭାବେ ଚିତ୍ରଣ କରିଥିଲେ। ପୁସ୍ତକର ଉପସଂହାରରେ ବି ସମ୍ପୂର୍ଣ୍ଣ ଭାବେ ବ୍ରିଟିଶ ସପକ୍ଷରେ ଉଲ୍ଲେଖ ରହିଥିଲା। ପୁସ୍ତକରେ ବର୍ଣ୍ଣିତ ରହିଛି ଯେ, ଦେଶରେ ଶୃଙ୍ଖଳା, ବିଜ୍ଞାନ ଓ ବସ୍ତୁଭିତ୍ତିକ ଜ୍ଞାନର ପୁନଃସ୍ଥାପନ ସକାଶେ ବ୍ରିଟିଶ ଶାସନ ଜରୁରୀ। ଦେଶରେ ଶାନ୍ତି, ଆଧୁନିକ ଜ୍ଞାନ ପ୍ରତିଷ୍ଠା, ବାସ୍ତବ ଧାର୍ମିକ ଆଭିମୁଖ୍ୟର ଜାଗରଣ ଲାଗି ପୁସ୍ତକର ନାୟକ ସତ୍ୟାନନ୍ଦ ଶେଷରେ ବ୍ରିଟିଶ ବିରୋଧରେ ଲଢ଼େଇ ବନ୍ଦ କରିଥିବା ଉଲ୍ଲେଖ କରିଛନ୍ତି ବଙ୍କିମ ଚନ୍ଦ୍ର। ଏହି ପୁସ୍ତକ ବାସ୍ତବରେ ଦେଶର ଏକତାର ପ୍ରତୀକ ନଥିଲା ବରଂ ଧାର୍ମିକ ବିଭାଜନ ଲାଗି ବାର୍ତ୍ତା ଦେଇଥିଲା। ଆନନ୍ଦ ମଠର ଇଂରାଜୀ ଅନୁବାଦ ପାଠ କରିବା ପରେ ୧୯୩୭ ଅକ୍ଟୋବର ୨୦ରେ ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଜବାହାରଲାଲ ନେହରୁ ଏକ ପତ୍ର ଲେଖିଥିଲେ। ସେଥିରେ ସେ ଦର୍ଶାଇଥିଲେ ଯେ, ପୁସ୍ତକରେ ପ୍ରଥମେ ଯେଉଁ ଆଭିମୁଖ୍ୟ ରଖାଯାଇଥିଲା ତାହାକୁ ପରେ ପରିବର୍ତ୍ତନ କରାଯାଇଛି ଯାହାକୁ ନେଇ ମୁସଲମାନମାନେ କ୍ଷୁବ୍ଧ ହୋଇପାରନ୍ତି। ୧୯୩୭ ଅକ୍ଟୋବରରେ ନେହରୁ ଓ ସୁଭାଷଙ୍କୁ ପତ୍ର ଲେଖି ରବୀନ୍ଦ୍ରନାଥ ଟାଗୋର ଦର୍ଶାଇଥିଲେ ଯେ, ବନ୍ଦେ ମାତରଂ ଗୀତର ପ୍ରଥମ ପଦ ସବୁଦିଗରୁ ଠିକ୍ ଅଛି। ମା' ଦୁର୍ଗା ପ୍ରସଙ୍ଗରେ ବଙ୍କିମ ଚନ୍ଦ୍ର ଯାହା ଲେଖିଛନ୍ତି ତାହାକୁ ମୁସଲମାନମାନେ ଗ୍ରହଣ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ୧୯୩୭ ଅକ୍ଟୋବର ୨୮ରେ କଂଗ୍ରେସ କାର୍ଯ୍ୟକାରିଣୀ ବନ୍ଦେ ମାତରଂର ପ୍ରଥମ ଦୁଇ ପଦକୁ ଗାନ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଭାରତ ପରି ଏକ ଦେଶରେ ଧାର୍ମିକ ସ୍ୱାଧୀନତା ରହିବା ଜରୁରୀ। ଧର୍ମ ଏକ ଅନ୍ଧବିଶ୍ୱାସ ହୋଇଥିଲେ ବି ଏହା ଏତେ ଗଭୀରରେ ରହିଛି ଯେ, ଏହାକୁ ହଟାଇବା କାଠିକର ପାଠ। ତଥାପି ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ କୌଣସି ଧର୍ମର ଦେବତାକୁ ରାଷ୍ଟ୍ରୀୟ ମାନ୍ୟତା ଦେବା ଅନୁଚିତ। ବାଧ୍ୟତାମୂଳକ ଗାନ ସମ୍ବିଧାନର ମୌଳିକ ଅଧିକାର, ନିଜସ୍ୱ ବିବେକର ଅଧିକାର ସଂକ୍ରାନ୍ତ ଧାରା ୨୫କୁ ଉଲ୍ଲଂଘନ କରିବ। ଏହା ଦେଶରେ ଧାର୍ମିକ ସହନଶୀଳତାର ପରିପନ୍ଥୀ ଏବଂ ଅଧିକ ଧାର୍ମିକ ଦ୍ୱନ୍ଦ୍ୱ ସୃଷ୍ଟି କରିବ।...

# ସମ୍ବଲପୁରୀ ଦିନ୍-ଏକ ସାଂସ୍କୃତିକ ଆନ୍ଦୋଳନ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ

ଓଡିଶା ସବୁବେଳେ ତାର ସଂସ୍କୃତି ଓ ପରମ୍ପରାକୁ ନେଇ ଆଗରେ । ଏଠି ବିଭିନ୍ନତା ମଧ୍ୟରେ ଏକତା ଥାଏ। ସାରା ଓଡିଶାରେ ଅନେକ ଭାଷା ପ୍ରଚଳିତ ହୁଏ। ସେଥି ମଧ୍ୟରୁ ପଶ୍ଚିମ ଓଡିଶାର ସମ୍ବଲପୁରୀ ଭାଷା ସୁମଧୁରା ସାରା ରାଜ୍ୟର ଲୋକେ ସମ୍ବଲପୁରୀ ଭାଷାକୁ ଆଦର କରିଥାନ୍ତି । ଏଠାରେ ପାଳନ ହେଉଥିବା ପର୍ବ ମଧ୍ୟ ସବୁଠୁ ନିଆରା ଶୀତଳ ଷଷ୍ଠୀ, ନୂଆଖାଇ, ଭାଇଜିଉନ୍ତିଆ ଆଦି ପର୍ବରେ ଭରି ରହିଥାଏ ଭାଇଚାରା । ଏହିସବୁ ପର୍ବପର୍ବାଣୀକୁ ଧୁମ୍‌ଧାମରେ ପାଳନ କରିଥାନ୍ତି ପଶ୍ଚିମ ଓଡିଶାବାସୀ । ଅଗଷ୍ଟ ମାସ ୧ ତାରିଖକୁ ପଶ୍ଚିମ ଓଡିଶାବାସୀ ସମ୍ବଲପୁରୀ ଦିନ୍ ବା ସମ୍ବଲପୁର ଦିବସ ଭାବରେ ପାଳନ କରିଥାନ୍ତି । ସମ୍ବଲପୁରୀ ଭାଷା, ସାହିତ୍ୟର ଜନକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିନକୁ ସମ୍ବଲପୁରୀ ଦିବସ ଭାବରେ ପାଳନ କରାଯାଏ । ୧୯୧୩ ମସିହା ଅଗଷ୍ଟ ୧ ତାରିଖରେ ଗୁରୁ ସତ୍ୟ ନାରାୟଣ ସୋନପୁରରେ ଜନ୍ମଗ୍ରହଣ କରିଥିଲେ। ସେ ସମ୍ବଲପୁରୀ ଭାଷା ସାହିତ୍ୟରେ ଲେଖନୀ ଚାଳନା କରିବା ସହିତ ଏହାର ପ୍ରଚାର ପ୍ରସାର ଦିଗରେ ଅଧିକ ଗୁରୁତ୍ୱ ଦେଇଥିଲେ । ସମ୍ବଲପୁରୀ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ୨୦୧୩ ମସିହା ଠାରୁ ଗୁରୁ ସ୍ୱର୍ଗତ ସତ୍ୟ ନାରାୟଣଙ୍କ ଜନ୍ମ ଦିବସକୁ ସମ୍ବଲପୁରୀ ଦିବସ ଭାବରେ ପାଳନ କରାଯାଉଛି । ପଶ୍ଚିମ ଓଡିଶା ବ୍ୟତୀତ ସାରା ରାଜ୍ୟରେ ଓ ବିଦେଶରେ ଯେଉଁଠି ପଶ୍ଚିମ ଓଡିଶାବାସୀ ବସବାସ କରୁଛନ୍ତି, ସମସ୍ତେ ଏହି ଦିବସ ପାଳନ କରିଥାନ୍ତି। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଐତିହ୍ୟ ସ୍ୱତନ୍ତ୍ର । ସମ୍ବଲପୁରୀ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମ୍ବଲପୁରୀ ଭାଷା, କଳା, ସଂସ୍କୃତି, ସାହିତ୍ୟ, ପରମ୍ପରାକୁ ଦେଶବିଦେଶରେ ଅଧିକ ପ୍ରଚାରପ୍ରସାର କରିବା। ପ୍ରତି ବର୍ଷ ଏହି ଦିନରେ ପୁରା ପଶ୍ଚିମ ଓଡିଶାବ ଉତ୍ସବ ମୁଖର ହୋଇଉଠେ। ସମ୍ବଲପୁରୀଆ ଭାବେ ଗର୍ବ ଅନୁଭବ କରୁଥିବା ପ୍ରତି ମଣିଷ ଏହି ଦିନ ସମ୍ବଲପୁରୀ ବସ୍ତ୍ର ଏବଂ ସମ୍ବଲପୁରୀ ଖାଦ୍ୟ ଗ୍ରହଣ କରି ଏହି ଦିବସ ପଳନ କରିଥାନ୍ତି । ମା ସମଲେଶ୍ୱରୀଙ୍କ ନାମରୁ ସମ୍ବଲପୁର ଏବଂ ସମ୍ବଲପୁରୀ ନାମିତ ହୋଇଛି । ମା ସମଲେଶ୍ୱରୀ ବର୍ଷର ଅଧିକାଂଶ ଦିନ ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥାନ୍ତି। ଏହି ସମ୍ବଲପୁରୀ ଦିନ୍ ଅବସରରେ ମା'ଙ୍କ ସମେତ ମନ୍ଦିରର ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ସମ୍ବଲପୁରୀ ବେଶରେ ସଜ୍ଜିତ କରାଯାଇଥାଏ। ମା ସମଲେଶ୍ୱରୀ, ମା ସିଦ୍ଧିଦାତ୍ରୀ ସମ୍ବଲପୁରୀ ଶାଢୀ, ଭୈରବୀ ଧଳା ସମ୍ବଲପୁରୀ ଗାମୁଛା, ବଜରଙ୍ଗବଳୀ ଗେରୁଆ ସମ୍ବଲପୁରୀ ଲୁଗା, ମା' କାଳୀ ଓ ଅନ୍ୟ ପାର୍ଶ୍ୱ ଦେବୀ ଏବଂ ସିଂହବାହିନ ପାଇଁ ସମ୍ବଲପୁରୀ କପଡାରେ ତିଆରି ପୋଷାକ ତଥା ମନ୍ଦିର ପରିସରରେ ଥିବା ସିଂହବାହିନ ପାଇଁ ସମ୍ବଲପୁରୀ ସପ୍ତାଗାର ଲୁଗା ପ୍ରସ୍ତୁତ କରି ଅର୍ପଣ କରାଯାଇଥାଏ । ଭୋରରୁ ଏହି ବସ୍ତ୍ର ଗୁଡିକରେ ମା ସମଲେଶ୍ୱରୀଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ପୂଜକମାନେ ସଜ୍ଜିତ କରିଥାନ୍ତି । ସମ୍ବଲପୁରୀ ଦିବସ ଅବସରରେ ଉତ୍ସବମୁଖର ହୋଇଉଠେ ପଶ୍ଚିମ ଓଡିଶା। ମା ସମଲେଶ୍ୱରୀଙ୍କ ସମେତ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୁଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇ ଏହି ଦିବସ ପାଳନ କରନ୍ତି । ମା' ସମଲେଇଙ୍କୁ ସୁମରୀ ପଶ୍ଚିମ ଓଡିଶାବାସୀ ପରସ୍ପରକୁ ଶୁଭ କାମନା କରିଥାନ୍ତି । ଲୋକେ ମା' ସମଲେଶ୍ୱରୀଙ୍କ ପାଖରେ ବିଭିନ୍ନ ପ୍ରକାର ଫଳ, ପୁଷ୍ପ ଓ ପିଠା ଭୋଗ ଲାଗି କରିଥାନ୍ତି । ଘରେଘରେ ପିଠାପଣାର ଆସର ଜମେ । ସମ୍ବଲପୁରରେ ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତଙ୍କୁ ସମ୍ବଲପୁରୀ ବାନ୍ଧ ବସ୍ତ୍ରର ପରିପାଟିରେ ଦେଖିବାକୁ ମିଳେ। ଗତ ବର୍ଷ ସମ୍ବଲପୁରୀ ଦିନ ପାଳନ ଅବସରରେ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା । ଫଳରେ ଜିଲ୍ଲାର ସରକାରୀ କର୍ମଚାରୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ଘରୋଇ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନରେ ମଧ୍ୟ ଅଧିକାରୀ ଏବଂ କର୍ମଚାରୀମାମାନଙ୍କ ପୋଷାକରେ ସମ୍ବଲପୁରୀ ପରିପାଟି ଦେଖିବାକୁ ମିଳିଥିଲା। ସମ୍ବଲପୁରୀ ଦିନ୍ ଅବସରରେ ସମ୍ବଲପୁର ଅଞ୍ଚଳବାସୀ ପାରମ୍ପରିକ ଖାଦ୍ୟପାନୀୟ, ସମ୍ବଲପୁରୀ ନାଚଗୀତର ମଜା ନିଅନ୍ତି। ସରସତିଆ, ମୁଢିଲଡୁ ଠାରୁ ଆରମ୍ଭ କରି ରାଗ ଚଣା ଓ ସମ୍ବଲପୁରୀ ଲେଥାର ସ୍ୱାଦ ନିଅନ୍ତି । ଗାଏମା ସମ୍ବଲପୁରୀ, ନାଚ୍‌ମା ସମ୍ବଲପୁରୀ, ପିନ୍ଧିମା ସମ୍ବଲପୁରୀ ନାଁରେ କମ୍ପି ଉଠେ ସାରା ପଶ୍ଚିମ ଓଡିଶା। କେଉଁଠି ସମ୍ବଲପୁରୀ ଭଜନ, ସମ୍ବଲପୁରୀ ଗୀତ, ସମ୍ବଲପୁରୀ ଫେସନ ଶୋ, ସମ୍ବଲପୁରୀ କବିତା ଆସର, ରଙ୍ଗୋଲି ପ୍ରତିଯୋଗିତା ବି ଅନୁଷ୍ଠିତ ହୁଏ । ଢୋଲ, ନିଶାଣପଖୋଜ,ଦୁଲଦୁଲି ବାଜା ଓ ସମ୍ବଲପୁରୀ ନୃତ୍ୟରେ ଝୁଲନ୍ତି ପଶ୍ଚିମ ଓଡିଶାବାସୀ। ସବୁଆଡେ ସମ୍ବଲପୁରୀମୟ ହୋଇଉଠେ । ସମ୍ବଲପୁରୀ ଦିନ୍ ଏବେ ଏକ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇଛି । ଏହି ସାଂସ୍କୃତିକ ଆନ୍ଦୋଳନରେ ନୂଆପିଢୀର ପିଲାମାନେ ଉତ୍ସାହର ସହ ଯୋଡି ହେଉଛନ୍ତି । ସମ୍ବଲପୁରୀ ଭାଷା, ନାଚଗୀତ ଦିନକୁ ଦିନ ଅଧିକ ଲୋକପ୍ରିୟତା ଅର୍ଜନ କରିଚାଲିଛି । ଏହା ଏବେ ରାଜ୍ୟ କି ଦେଶ ଭିତରେ ସୀମିତ ହୋଇ ରହିନାହିଁ, ବିଶ୍ୱବ୍ୟାପୀ ହୋଇଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## କାହିଁକିର କାହିଁ ଅନ୍ତ ?

*ଶରତ ଦାଶ*

ରାତି ପାହିଗଲା ପରେ ବି ଅନ୍ଧାର
କାହିଁକି ଯାଏନା ମନୁ
କାହିଁକି ସୂରୁଜ ପାରେନା ଶୁଖାଇ
ପାପେ ନିମଜ୍ଜିତ ତନୁ ।।
ଭରା ଶ୍ରାବଣରେ ଖରା କାହିଁପାଇଁ
ଟାଣ ହୋଇ ଦିଏ ଜାଳି
ମିଛଟାରେ କାହିଁ ନିରୀହ ଲୋକର
ମୁହଁରେ କେ ବୋଳେ କାଳି ।।
କାହିଁକି ଗରିବ ହୁଏ ହନ୍ତସନ୍ତ
ନପାଇ ବସନ ବାସ
ତାର ଶ୍ରମଫଳେ କାହିଁପାଇଁ ନିତି
ଧନୀକ ମୋଡଇ ନିଶ ।।
ଭଲଲୋକ ଭାଗ୍ୟେ କାହିଁକି କିଏ ସେ
ଲେଖିଦିଏ ଦୁଃଖକଷ୍ଟ
ଦୁଷ୍ଟ ଦୁରାତମା ଉପରେ କାହିଁକି
ଏତେ ଦୟାବାନ ଇଷ୍ଟ ।।
କାହିଁକି ଘଟଇ ସବୁ ଅଘଟଣ
ସରଳ ଲୋକ ଜୀବନେ
କେଉଁ କାରଣରୁ ଧନୀ ହୁଏ ଧନୀ
ନିର୍ଦ୍ଧନ କାନ୍ଦଇ ବନେ ।।
କୃପାମୟ ହରି କୃପା କାହିଁପାଇଁ
ଜୁଟେନା ଦରିଦ୍ର ଭାଗ୍ୟେ
କେଉଁ କାରଣରୁ ଧରାର ମାନବ
ଯାଇପାରେ ନାହିଁ ସ୍ୱର୍ଗେ ।।
କାହିଁକି ଉଆଁସା ରାତିରେ ଚନ୍ଦ୍ରମା
ଲୁଚିଯାଏ ନୀଳ ନଭେ
କାହିଁକି ପ୍ରେମରେ ଏତେ ତନ୍ମୟତା
ଆସେ ଯାଏ ଅନୁଭବେ ।।
କାହିଁକି କେଶବ ଦେଇ ପରାଭବ
ନୀରବେ ଦେଖନ୍ତି ବସି
ନାହିଁକି ତାଙ୍କର ହୃଦେ ଦୟା କ୍ଷମା
ମନେ ପ୍ରେମ ତାରକସି ।।

*ଭୁବନେଶ୍ୱର*

# ସମୟ-ଅସମୟ



▶ ନିର୍ବିକାର ପ୍ରଭାତ

ହଠାତ୍ ଜଣେ ଖାକିପିନ୍ଧା ବାବୁ ଦୋକାନ ଦୁଆରେ ଠିଆ ହୋଇ ଯିବାରୁ ମେସିନ ଉପରୁ ମୁଣ୍ଡ ଉଠାଇ ଚାହିଁଲେ ଅଲସବାବୁ । -'ତୋ ନା ଅଲସ ଚାଟୁର ?' ହଡ ବଡେଇ ଗଲେ ଦୋକାନୀ । ଗୋଟେ କମ୍ ବୟସର ଗ୍ରାମରକ୍ଷୀ ତୁ ତା ଲଗାଇ କଥା ଆରମ୍ଭ କରିବାରୁ ଭାରି ଖରାପ ଲାଗୁଥିଲେ ବି କହିଲେ,-'ହଁ ଆଜ୍ଞା । କଣ ହେଲା ? କିଛି ସିଲେଇ କାମ ଥିଲା କି ?' ନିଜକୁ ଗୋଟିଏ ସମ୍ମାନାସ୍ପଦ ପଦାଧିକାରୀ ଭାବି ଉଲ୍ଲସିତ ହୋଇ ସେ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ,-'ବଡବାବୁ ଡାକିଛନ୍ତି । ତୋ ନାଁରେ ନାରୀ ନିର୍ଯାତନା କେସ୍ ଦିଆଯାଇଛି.... ।' ଚମକି ପଡିଲେ ଅଲସ । -'କିଏ ଦେଇଛି ? କେତେବେଳେ ଦେଇଛି ଆଜ୍ଞା ? ମୁଁ ତ କିଛି କାହାକୁ କହିନି କି ଅପରାଧ କରିନି । ମୋ ନାମରେ ପୁଣି କେସ୍ ? ଆଜ୍ଞା ବସନ୍ତୁ, ଚା ପିଅନ୍ତୁ ।' ଗ୍ରାମରକ୍ଷୀ ଆସନ ଗ୍ରହଣ କରିବାରୁ ବୁଲା ବିକାଳିଠାରୁ ଚା ଆଣି ଧରାଇ ଦେଇ କଅଁଳେଇ ପଚାରିବାରୁ ଶୁଣିଲେ, -'କାଲି ଗୋଟେ ମାଇପିଟେ ତମ ଦୋକାନକୁ ଆସିଥିଲା, ତାକୁ ତମେ ଦୁର୍ବ୍ୟବହାର କରିଛ ବୋଲି ସେ ଥାନାରେ ଏତଲା ଦେଇଛି ।' ତୁ ତା ରୁ ତମେ ଆଡକୁ ଆସି ସହୃଦୟତାର ସହ ଗ୍ରାମରକ୍ଷୀ ପ୍ରକାଶ କଲା ପରେ ମନେ ପଡିଗଲା ଗତକାଲିର ଘଟଣା ।

ପଞ୍ଚାନନବାବୁ କାଲି ଦୋକାନରେ ପହଞ୍ଚିଥିଲେ । ସେ ଭାରି ଆଧ୍ୟାତ୍ମବାଦୀ । ଠାକୁର ଅଭିରାମ ପରମହଂସଙ୍କ ଭକ୍ତ । ଅଶୀତିପର ବୟସରେ ସୁସ୍ଥ ଓ କର୍ମଠ । ଠାକୁରଙ୍କ ପରମ ସେବକ ହେତୁ ତାଙ୍କୁ କୌଣସି ରୋଗ ବୈରାଗ ଛୁଇଁନି ବୋଲି ସେ କୁହନ୍ତି । ଅଲସ ମଧ୍ୟ ଜଣେ ଠାକୁରଙ୍କ ଅନୁଗାମୀ । ଥରେ ଅଲସବାବୁ ସୁଦୂର ଖୋରଧାରୁ ସାଇକେଲ ଚଳାଇ କଣାସ କରମଳାରେ ହେଉଥିବା ବାର୍ଷିକ ଉତ୍ସବରେ ଯୋଗଦାନ କରି ଠାକୁର ଅଭିରାମ ପରମହଂସଙ୍କୁ ଦର୍ଶନ କରିଥିଲେ । ପଞ୍ଚୁବାବୁ ଆସିଲେ ଦୋକାନରେ ଯେତେ ସିଲେଇ କାମ ଥିଲେ ବି ଦୁହେଁ ଠାକୁର ସମ୍ପର୍କରେ ଆଲୋଚନାରେ ବୁଡି ଯାଆନ୍ତି । କାଲି ପ୍ରଭୁଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଚର୍ଚ୍ଚା ଚାଲିଥିଲା । ଚା' କପେ କପେ ଧରି ଆଲୋଚନା କଲାବେଳେ ଜଣେ ମହିଳା ପହଞ୍ଚିଲେ ଦୁଆରେ । -'ମୋ ବ୍ଲାଉଜ୍ ସାଇଜ୍ ଛୋଟ ହୋଇଯାଇଛି । କିଛି କପଡା ଯୋଖି ଦେଲେ ତାହା ପିନ୍ଧାଯୋଗ୍ୟ ହୋଇ ପାରିବ ।' ଅଲସ ହାତ ହଲାଇ ମନାକଲେ,- 'ସେ କାମ ମୁଁ କରୁନି । ଅନ୍ୟଠି ଦେଖ ।' -'ଟିକିଏ ସିଲେଇ କରିଦିଅ ।' କଅଁଳେଇ କହିଲେ ଆଗନ୍ତୁକା । ବିରକ୍ତ ହେଲେ ଦୁଇବନ୍ଧୁ । ଅଲସ ବାବୁ ଟିକେ ଉଚ୍ଚ ସ୍ୱରରେ କହିଲେ,-'ତମକୁ ପରା ମନା କରୁଛି, ବାଧ କରୁଛ କାହିଁକି ?' ମନେ ମନେ ରାଗିଗଲେ ମହିଳା । ଦୁମ୍ ଦୁମ୍ ହୋଇ ଫେରିଗଲେ । ପୁନର୍ବାର ଠାକୁରଙ୍କ ସମ୍ପର୍କରେ ଆଲୋଚନା ଚାଲିଲା । ପ୍ରାୟ ଅଧଘଣ୍ଟା ପରେ ଉକ୍ତ ମହିଳା ପୁଣି ପହଞ୍ଚିଲେ । ପଚାରିଲେ,- 'ବାବୁ ମୋ ପର୍ସଟା ଦେଖିଛକି ?' - ନା, ଏଠି ଛାଡିନ ।' -'ଟିକିଏ ଦରାଣ୍ଡିଲ କୋଉଠି ଥିବ' ଜୋରଦେଇ କହିଲେ ମହିଳା । 'ଆଉ କୋଉଠି ଛାଡିଥିବ ଖୋଜ ।'- ଉତ୍ତର ଦେଲେ ଦୋକାନୀ । ବ୍ୟସ୍ତ ହୋଇ ମହିଳା ଯୋଡିଲେ,-'ଦୋକାନ ଭିତରଟା ଟିକେ ଦେଖ, ନିଶ୍ଚୟ ଥିବ ।' ପଞ୍ଚାନନ ବାବୁ ବିରକ୍ତ ହେଲେ,-'ନାହିଁ ହୋ, ଆମକୁ କାହିଁକି ବିଜାର କରୁଛୁ ? ଯା ଯା ଆଗରେ ଦେଖ୍ ।'

ମହିଳା ଜଣଙ୍କ ଦୋକାନ ବାରଣ୍ଡାରୁ ଓହ୍ଲାଇଲେ । ଦୁଇ ଭକ୍ତ ଠାକୁରଙ୍କ ବାବଦରେ ମଜି ରହିଲେ । ତଳୁ ପର୍ସଟାକୁ ଉଠାଇ ମହିଳା କହିଲେ, -'ହେଇଟି ମୋ ପର୍ସ । ଏଥିରେ ଥିବା ପଚାଶ ଟଙ୍କିଆ ନୋଟଟା କୁଆଡେ ଗଲା ?' ବଡ ପାଟିରେ ପଚାରିବାରୁ ଅଲସ ବାବୁ ବୁଝାଇଲେ,-'ନାଁ ମା ଆମେ ଦେଖିନୁ । ପଚାଶ ଟଙ୍କା ଦେଖିଥିଲେ ଆମେ କଣ ଲୁଚାଇ ଦେଇଥାନ୍ତୁ ?' -'ହଁ ହଁ ତମେ ରଖିଛ । ଦିଅ । ଟଙ୍କା କାଢି ବାହାରକୁ ପର୍ସ ଫିଙ୍ଗି ଦେଇଛ । ଶୀଘ୍ର ଦିଅ' ସ୍ତ୍ରୀଲୋକଟାର ଅଜବ ଯୁକ୍ତି । ଯେମିତି ହେଉ ସେ ଦୋକାନୀଠାରୁ ଟଙ୍କା ଅସୁଲ କରିବ । ପଞ୍ଚାନନ ବାବୁ ବ୍ରହ୍ମପୁରିଆ ମଣିଷ । ତାଙ୍କର ଧୈର୍ଯ୍ୟ ତୁଟିଲା । ଉତକ୍ଷିପ୍ତ ହୋଇ କହିଲେ,-'କେଡେ ବଦମାସ୍ ମାଇକିନାଟା ହୋ । ତତେ କହିଲୁ ଆମେ ଟଙ୍କା ଦେଖିନୁ ବୋଲି, ତୁ ଡିମାଣ୍ଡ କରୁଛୁ ? ଆମ ଇଜ୍ଜତ ପଚାଶ ଟଙ୍କା ପାଖରେ କେତେ ତୁ କଣ ଜାଣିବୁ ? ପଳା ଏଠୁ । ଆମକୁ ଚୋର ଭାବିଛୁ ନା କଣ ?' -'ହଉ ଠିକ୍ ଅଛି ।' କହି ରାଗ ତମତମ ହୋଇ ସେ ଚାଲିଗଲେ ।

କଥାଟାକୁ ଦୁଇ ବନ୍ଧୁ ଭୁଲି ଯାଇଥିଲେ । ଏବେ ଗ୍ରାମରକ୍ଷୀ ସେଇ ଘଟଣାକୁ କେନ୍ଦ୍ର କରି ବଡବାବୁଙ୍କ ସମନ ଆଣିଛନ୍ତି । ଅଗତ୍ୟା ବାହାରି ପଡିଲେ ବାବୁ । ଦୋକାନରେ ଦୁଇଟି ତାଲାରୁ ଗୋଟିଏ କୋଳପ ଠୁଙ୍କି କଞ୍ଚି ପକେଟରେ ରଖି ଧଡଧଡିଆ ସାଇକେଲ ଧରି ପହଞ୍ଚିଲେ ଥାନା ଦୁଆରେ । ବଡବାବୁ ଅନୁପସ୍ଥିତ ଥିବାରୁ ସାନବାବୁଙ୍କୁ ଭେଟିଲେ ଅଲସ । ସମସ୍ତ କଥା ବର୍ଣ୍ଣନା କଲାପରେ ସାନବାବୁ ଶାନ୍ତ ମହନ୍ତ ମୁହଁ ଖୋଲିଲେ,-' ତୁ ମେସିନ ଦୋକାନ କରି ଚଳୁଛୁ ? -ହଁ ଆଜ୍ଞା । ବସିବାକୁ ଇଙ୍ଗିତ କରି ଆଉ ଜଣେ କର୍ମଚାରୀଙ୍କୁ ପଚାରିଲେ,-'ପାର ଆସିଲା ? ଉତ୍ତର ଦେଲେ ସେ, -'ନାଇଁ ସାର । ସେ ତା ଧରମ ଦିଅର ଘରକୁ ଯାଇଛି ବୋଲି ତା ପଡିଶାଘର ମାଇପିଟେ କହିଲା । 'ସାର୍ ଡକେଇ ପଠେଇଛନ୍ତି' ବୋଲି ତାକୁ ଜଣାଇବା ପାଇଁ ସେ ପଡୋଶୀକୁ କହି ଆସିଛି । ସେ କାଲି ଦେଖାହବ ।' ସାନବାବୁ ଅଲସ ଆଡକୁ ମୁହଁ ବୁଲାଇ କହିଲେ,-' ଆଚ୍ଛା ତୁ ଦିନେ ଦିଦିନ ଅପେକ୍ଷା କର କମ୍ପ୍ରମାଇଜ୍ କରିଦବା । ନାରୀ ନିର୍ଯାତନା କେସ୍ । ବେଳ ପଡିଲେ ତୋତେ ସେ ଆରେଷ୍ଟ କରାଇ ଦବ । ତାର ଉପର ମହଲରେ ଅଧିକ ଭାବପ୍ରୀତି । ତା ସହିତ ଶତ୍ରୁତା କରିବା ଭଲ ନୁହଁ । ହଉ ତୁ ଯା । ଥାନାର ବାରଟି ଡୋର ସ୍କ୍ରିନ ସିଲେଇ କରିଦବୁ । କପଡା ଗ୍ରାମରକ୍ଷୀ ହାତରେ ପଠାଇବି ।' ସାନବାବୁ ଅଲସଙ୍କୁ ଚାହିଁଲେ । -'ହଁ ଆଜ୍ଞା ।' ଉତ୍ତର ଦେଲେ ଦୋକାନୀ । ବିନା କାରଣରେ ଥାନା ଦୁଆରକୁ ଯାଇ ଅପଦସ୍ତ ହେବାକୁ ପଡୁଛି । ସାନବାବୁ ସମାଧାନ କରିଦେବାର ଆଶ୍ୱାସନା ଦେବାରୁ ଅଲସ ବାବୁ ଫେରିଲେ । ତହିଁ ଆରଦିନ ଗ୍ରାମରକ୍ଷୀ କପଡା ଥାନେ ନେଇ ଆସିଲା । ଅଖିଆ ଅପିଆ ଅଲସ ବାବୁ ଡୋର୍ ସ୍କ୍ରିନ ବାର ହଳ ସିଲେଇ କରିଦେଲେ । ତରତର ହୋଇ କପଡା ନେଇ ଚାଲି ଯାଉଥିବା ଖାକି ବାବୁଙ୍କୁ କହିଲେ,-'ମୋର ଲାଭ କି ମଜୁରି ଦରକାର ନାହିଁ କେବଳ ମ୍ୟାଟରିଆଲ କଷ୍ଟ ଦେଢଶ' ଟଙ୍କା ଦେବାକୁ ସାର୍‌ଙ୍କୁ କହିବ । ଆଉ ଆମ ମାମଲାର ରଫା ଦଫା କରି ଦେବେ ।' ପୋଲିସ ମୁଣ୍ଡ ଟୁଙ୍ଗାରି ଚାଲିଗଲେ । ଉପରବେଳା ସେହି ଗ୍ରାମରକ୍ଷୀ ପହଁଚିଲେ । -'ବଡବାବୁ ଡକାଇଛନ୍ତି ଆସ । ତମ କେଶ୍ ସମାଧାନ କରି ତମ ପଇସା ଦେବେ ।' ଦୋକାନ ବନ୍ଦ କରି ଅଲସ ପହଞ୍ଚିଲେ । ବଡବାବୁଙ୍କୁ ମୁଣ୍ଡ ନୁଆଁଇ ଓଳଗି କଲେ । ବାବୁ ପ୍ରମୋଶନ ହୋଇ ଥାନାଦାର ହୋଇ ଆସିଛନ୍ତି । ସେ କୁଆଡ଼େ ଭାରି କଡା ଲୋକ । ଆଗେ ଯୋଉ କାମ ଶହେ ଟଙ୍କାରେ ସମାଧାନ ହେଉଥିଲା ଏବେ ପାଞ୍ଚଶହ ନହେଲେ ହେଉନି ବୋଲି ଜଣେ ଏତଲା ଲେଖାଳୀ କହୁଥିଲେ ।

ଚଷମା କାଢି ଟେବୁଲ ଉପରେ ଥୋଇ ଦୁଇ ଆଖିକୁ ଦୁଇ ନେଡିରେ ଘସି ଦୋକାନୀକୁ ଚାହିଁଲେ । କଡା ମିଜାସରେ ପଚାରିଲେ,-'ତୋ ନାଁ ଅଲସ ଚାଟୁର୍ ? -'ହଁ ଆଜ୍ଞା ।' 'ତୁ ପାରକୁ ମିଶ୍ ବିହେବ୍ କରିଥିଲୁ ?' ମୁଣ୍ଡ ହଲାଇ ସେ କହିଲେ, -'ନାଇଁ ସାର । ପଞ୍ଚାନନ ବାବୁ ବିରକ୍ତ ହୋଇ କହିଥିଲେ 'ବଦମାସ ମାଇକିନା' ବୋଲି । ସେ ଅଶୀବର୍ଷ ବୟସର ଆଧ୍ୟାତ୍ମିକ ମଣିଷ । ତାଙ୍କର କିଛି ଉଦ୍ଦେଶ୍ୟ ମନ୍ଦ ନଥିଲା.. ।' 'ତା ହେଲେ ସେ କହୁଥିଲା କେମିତି ? ଆଜିକାଲି ପଦେ କଥା ପାଟିରୁ ବାହାରିଗଲେ କୋର୍ଟ କଚେରି ଦୌଡି ଦୌଡି ପାଣି ମରିଯିବ । ତାକୁ ଭୁଲ୍ ମାଗି ମାମଲାର ମୀମାଂସା କରିଦେ । ତୁ ଗରିବ ଲୋକ ଦିନେ ଦୋକାନ ବନ୍ଦ ହେଲେ ତୋ ପରିବାର ଉପାସ ରହିବେ । ଦୋକାନ ଭିତରେ ବାଜେ ଲୋକ ପୂରାଇ ଆଇନକୁ ହାତ ମୁଠାକୁ ନେବା ଉଚିତ ନୁହେଁ । ଦି ହଜାର ଟଙ୍କା ନନେଲେ ସେ ଏସ୍ ପି ଅଫିସକୁ ଯିବ ବୋଲି କହୁଥିଲା । ଦି ହଜାର ଟଙ୍କା ନେଲେ ସେ ତତେ ଛାଡିବ ବୋଲି ଧମକ ଦେଉଥିଲା... ।' ଥାନା ଅଧିକାରୀଙ୍କ କଥା ଶେଷ ହେବା ଆଗରୁ ଦୁଇ ହଜାର ଟଙ୍କାର ବୋଝ ଶୁଣି ମୁଣ୍ଡ ବୁଲାଇ ତଳେ ବସି ପଡିଲେ । ଗ୍ରାମରକ୍ଷୀ ପାଣି ମୁନ୍ଦେ ଦେବାରୁ ଅଲସବାବୁ ଚେତା ଫେରି ପାଇଲେ । ପାଖ ବେଞ୍ଚ ଉପରେ ବସି ରହିବା ବେଳେ ବଡବାବୁ ଅନ୍ୟ କାମ ଦର୍ଶାଇ କ୍ୱାର୍ଟରକୁ ଚାଲିଗଲେ । ବ୍ୟସ୍ତ ବିବ୍ରତ ହେଲେ ସେ । ଅଯଥା ମାମଲାରେ ଛନ୍ଦି ହୋଇ ଯାହାର ଆଶ୍ରା ନେଇଥିଲେ ସେ ଥାନାଦାର ତାଙ୍କୁ ଭ୍ରୁକ୍ଷେପ ନକରି ଚାଲିଗଲେ !

ସାନବାବୁ ସାନ୍ତ୍ୱନା ଦେଲେ, -'ଯା ତୁ ତୋ ଦୋକାନ ଖୋଲ୍ । ଗ୍ରାମରକ୍ଷୀକୁ ପଠାଇଲେ ତା ଟଙ୍କା ଦବୁ ।' କିଛି କହି ପାରୁନଥିଲେ ଅଲସ । ଛାତି ଭିତରର କୋହକୁ ଚାପି ଅଫିସ ବାରଣ୍ଡାକୁ ଆସିଲେ । ଦୁଇ ହଜାର ଟଙ୍କାର ଆଘାତ ତାଙ୍କୁ ଆକ୍ରାମାକ୍ରା କରି ଦେଉଥିଲା । ପଚାଶ ଟଙ୍କା ଦେଇଥିଲେ ସେହି ସୁଚରିତ୍ରା ନାରୀ ଫାସରୁ ମୁକ୍ତି ପାଇ ଯାଇଥାନ୍ତେ ଅଥଚ ନିଜର ସମୟ, ଦୋକାନ ଓ ପରିବାରକୁ ସୁରକ୍ଷା ଦେବାକୁ ହେଲେ କରଜ କରି ଟଙ୍କା ପଇଠ କରିବାକୁ ପଡିବ । ଦୁଃଖ ଓ ପରିତାପରେ ବାଜି ହାରିଥିବା ମଣିଷ ପରି ସେ ଦୋକାନ ଖୋଲିଲେ ।

ସନ୍ଧ୍ୟାରେ ପଞ୍ଚାନନବାବୁ ଧାଇଁ ଆସିଲେ । ଗ୍ରାମରକ୍ଷୀ ସେତେବେଳେ ଦୋକାନ ବେଞ୍ଚରେ ବସିଥାନ୍ତି । ତାଙ୍କ ହାତକୁ ସେ ଦୁଇ ହଜାର ଟଙ୍କା ବଢାଇ ଦେଲେ । ଗ୍ରାମରକ୍ଷୀ କହିଲେ, -'ବଡବାବୁ ଦେଢହଜାରରେ ପାରକୁ ମନାଇଛନ୍ତି । ତମେ ଡୋର ସ୍କ୍ରିନ ବାବତରେ ପାଞ୍ଚଶହ ରଖି ହଜାର ଟଙ୍କା ଦିଅ । ପଞ୍ଚାନନବାବୁଙ୍କ ଠାରୁ ହଜାର ଟଙ୍କା ନେଇ ଗ୍ରାମରକ୍ଷୀ ଚାଲିଗଲେ । ତହିଁ ଆରଦିନ ଅଳସ ବାବୁ ହାତଲେଖା ଏଗ୍ରୀମେଣ୍ଟ ଆଣିବା ପାଇଁ ଯିବାରୁ ବାବୁ କହିଲେ,-'ଆଉ କିଛି ହବନି । ପାରକୁ ବୋଧଶୋଧ କରି ଦେଇଛି । ତୁ ତୋ କାମରେ ଯା ।' ଅଳସବାବୁ ଫେରିବା ବେଳେ ଶୁଣିଲେ, -'କୋଉ ସାମ୍ବାଦିକଙ୍କୁ କିଛି କହିନୁ ତ ?' କିଏ କାହାକୁ ପଚାରୁଥିଲା ସେ କଥା କିନ୍ତୁ ଅଲସ ବାବୁ ଜାଣି ପାରିଲେ ନାହିଁ ।

*ହାପି କଲୋନୀ, ଗୋପ, ପୁରୀ*

## ସାଧବ ବୋହୂ

*କୁମାର ଭାର୍ଜନ ପ୍ରଧାନ*



ସକାଳର ପ୍ରଥମ ଶିଶିର ବିନ୍ଦୁପରି
ତୁମେ ଆସ ନିରବ ପାଦରେ
କେହି ତୁମ ନାଁ ପଚାରେନି,
ତଥାପି ସେ ଫୁଲମାନଙ୍କ ମଧ୍ୟରେ
ନିଜ ପରିଚୟ ଲେଖି ଯାଅ
ସାଧବ ବୋହୂ-
ନାଁଟି ଯେମିତି ଗୋଟିଏ ପୁରୁଣାକାହାଣୀ
ତୋ ରଙ୍ଗରେ ଲୁଚିଛି
ଆଜିର ପୃଥିବୀର ନୂଆ କବିତା ।
ପବନ ଛୁଇଁଲେ ସେ ଦୋହଲି ଉଠେ ନାହିଁ,
ବରଂ ହସି ହସି କହେ-
ସୌନ୍ଦର୍ଯ୍ୟ କେବଳ ଦେଖିବା ପାଇଁ ନୁହେଁ,
ଅନୁଭବ କରିବା ପାଇଁ ।
ବର୍ଷା ବିନ୍ଦୁ ତୋ ପାଖୁଡ଼ାରେ ଛୋଟ ଛୋଟ
ସ୍ୱପ୍ନ ହୋଇ ଝୁଲି ରହେ,
ସୂର୍ଯ୍ୟକିରଣ ଆସିଲେ ସେହି ସ୍ୱପ୍ନଗୁଡ଼ିକ
ମୋତିପରି ଚମକି ଉଠେ ।
ଆଜିର ସହରର କୋଳାହଳ ଭିତରେ
ଯେଉଁଠି ସମ୍ପର୍କ ମଧ୍ୟ ମୋବାଇଲ ସ୍କ୍ରିନ୍‌ରେ ସୀମିତ
ସେଠି ସାଧବ ବୋହୂ ନିରବତାର ଭାଷାରେ
ପ୍ରେମର ଅର୍ଥ ଶିଖାଏ ।
ସେ କହେ-ଜୀବନ ବହୁତ ଛୋଟ,
ଫୁଲ ପରି ଫୁଟ,
ସୁଗନ୍ଧ ପରି ବଞ୍ଚ,
ଆଉ ସ୍ମୃତି ପରି ରହିଯାଅ ।
ସାଧବ ବୋହୂ
କେବଳ ଗୋଟିଏ ଫୁଲ ନୁହେଁ,
ସେ ହେଉଛି ସମୟର ନରମ କବିତା,
ପ୍ରକୃତିର ଅନନ୍ତ ହସ,
ଗୋଟିଏ ପ୍ରେମପତ୍ର
ଯାହା ପ୍ରତି ସକାଳେପବନ
ନିଜେ ପଢ଼ି ଶୁଣାଏ ।

*ଖଟଖଟିଆ, ବୌଦ୍ଧ*
*ମୋ-୯୪୩୭୫୮୬୫୩୨*

## ଶ୍ରାବଣ ରାତିର ଗୀତ

*ସୁଜିତ କୁମାର ମିଶ୍ର*

ଝରିଆସେ କେଉଁ କୋଣ ଅନୁକୋଣୁ ଝିପିଝିପି ଅନୁରାଗ,
ରୂପସୀ ଆଖିର ଚାହାଣୀ ନୀରବେ ରଚୁଥାଏ ମିଠାଭାବ ।
ଶ୍ରଦ୍ଧା ଲାଗୁଥାଏ ପ୍ରେମିକା ପ୍ରାଣର ଶ୍ରାବଣ ରାତିର ଗୀତ,
କାହା ପ୍ରତୀକ୍ଷାରେ ଜୀବନ ନୂପୁର ରୁଣୁଝୁଣୁ ଅବିରତ ।

ସ୍ୱପ୍ନ ପକ୍ଷୀ ଉଡେ ମନ ଆକାଶରେ ଶିହରିତ ଶ୍ରାବଣରେ,
ଭିଜୁଛି ହୃଦୟ ବର୍ଷା ଦେହ ପରି ଭିଜିବା କାହିଁ ଯେ ସରେ ?
ନବୀନ ପୁଲକ ଉନ୍ମାଦ ଛୁଆଁରେ ଅପସରେ ନୀରବତା,
ପ୍ରେମ ପଟୁଆର ଦେଖା ଦେଉଥାଏ ପରଶି ଗୋପନ କଥା ।

ଗହନ ଭାବରେ ତୁମେ ଗାଉଥାଅ ଗଜଲ ଗୋଟିକି ଗୋଟି,
ନଈ ଫୁଲୁଥାଏ ଶ୍ରାବଣ ରାତିରେ ଯେମିତି ନରମ ଛାତି ।
ଅନ୍ତରଙ୍ଗତାର ତଟିନୀ ତଟରେ ଆସ ହୋଇ ଆଶାବରୀ,
ମଧୁର ଆଳାପ ରତୁରେ ହୁଏ ମୁଁ ମେଦୁରିତ ପ୍ରୀତିବାରି ।

ସହସ୍ର ଶ୍ରାବଣ ଚୁମ୍ବନରେ ତୁମେ ହୁଅ ସଞ୍ଜ ଶୋଭାରାଜି,
ବର୍ଷାରାତି କୋଳେ ସପନ ଦେଖୁଥ' ବେଶି ବେଶି ଭିଜିଭିଜି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ବୋଲବମ୍ ଯିବା

*ଦୀପକ କୁମାର ନାୟକ*



ହୋଇଲାଣି ସଜବାଜ କାଉଡ଼ିଆ
ବୋଲବମ୍ ଯିବାପାଇଁ
ଶ୍ରାବଣ ଆସିଲା କାନ୍ଧେ ପାଣିଭାର
ବାହାରି ପଡ଼ିବ ନେଇ ।।

ଖାଲି ପାଦରେ ସେ କାହିଁ କେତେଦୂର
ମାନସିକ ପୂରା ପାଇଁ
ଚାଲୁଥିବ ବାଟ ଖାତିରି ନକରି
ଖରାବରଷାକୁ ସହି ।।

ଯେତେ କଷ୍ଟ ତାକୁ ହେଉଥିଲେ ମଧ
ପଛଘୁଞ୍ଚା ଦେବନାହିଁ
ଦେବଦେବ ମହାଦେବଙ୍କ ଲିଙ୍ଗରେ
ପାଣି ଢ଼ାଳିବ ସେ ଯାଇ ।।

ତୁଣ୍ଡେ ହରହର ମହାଦେବ ନାମ
ଉଚ୍ଚାରଣ କରି ଯିବ
ଦେଖିବ କେମିତି ସେହି ଉଚ୍ଚାରଣେ
ଧରାଧାମ କମ୍ପିଯିବ ।।

ଖରା ବରଷାକୁ ଖାତିରି ନକରି
ଅଗାଢ଼ ବିଶ୍ୱାସ ରଖି
କାନ୍ଧେ ପାଣି ଭାର ନେଇ ଯାଉଥିବ
ପାଦ ତାର ଚାପି ଚାପି ।।

ଦେବ ଦେବ ମହାଦେବଙ୍କ ଲିଙ୍ଗରେ
ସୋମବାରେ ପାଣି ଢ଼ାଳି
ମହାଆନନ୍ଦରେ ଭୋଗ ରାଗ ନେଇ
ଆସିବ ଘରକୁ ଫେରି
ଆସିବ ଘରକୁ ଫେରି ।।

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*



## ଟିକିଏ ଆଲୁଅ

*ସ୍ମିତା ପଣ୍ଡା*

ଯେତେ ଖୋଜିଲେ ବି ନିଜର ଚିହ୍ନକୁ ନିଜ ଭିତରେ ମୁଁ ନାହିଁ
ଗୋଟେ ବିନ୍ଦୁକୁ କି ଖୋଜି ପାଇହୁଏ ଅନନ୍ତ ଶୂନ୍ୟକୁ ଚାହିଁ ।
ଶୂନ୍ୟତାର କେତେ ବିସ୍ତାର ରହିଛି ଜାଣି ପାରିଛି ବା କିଏ
ଶବ୍ଦ ଯେଉଁଠାରେ ନୀରବରେ ଖାଲି ନିଜକୁ ହିଁ ଶୁଣୁଥାଏ ।

କାଚ ଘରେ କାୟା ପଛେ ପଛେ ଛାୟା ମାୟାର ପ୍ରତାପ ଏତେ
ନିଜ ଭିତରକୁ ଅନେଇ ଦେଖିଲେ ହୁଅନ୍ତା ସତେ କି ପ୍ରତେ ।
ଚାରିପାଖେ ରାସ୍ତା ଅନେକ ଥିଲେ ବି ଘୂରି ପୁଣି ଫେରି ଆସେ
ଯେଉଁଠୁ ଆରମ୍ଭ ସେଇଠି ବି ଶେଷ ଅଥଚ ଅସୀମ ଦିଶେ ।

ନିଜର ହିସାବ ରଖିନାହିଁ ଯଦି ଆଉ କା' ହାତରେ ଡୋର
ଆକାଶ ଆଡକୁ ଚାହିଁବାରେ ତେବେ କାହିଁକି ଲାଗିବ ଡର ।
ସବୁ ପ୍ରଶ୍ନ ପରେ ଉତ୍ତର ସେହି ଗୋଟିଏ ବିନ୍ଦୁର ଚିହ୍ନ
ନ ବୁଝିବା ଅବା ବୁଝିପାରିବାଟା ନୁହେଁ ଜମା ଭିନ୍ନଭିନ୍ନ ।

ଉଡିଯିବ ଅବା ହଜିଯିବ କାହିଁ ଦୂର ଅନନ୍ତର ସୀମା
ବେଳ ବୁଡିବାକୁ ଟିକିଏ ଆଲୁଅ ରଖିବାକୁ ହେବ ଜମା ।

*ଲହଣ୍ଡା, ବରଗଡ*

## ଖୁସିର ଫଗୁଣ

*ଜ୍ୟୋସ୍ନା ପାଢ଼ୀ*

ଧେତ୍ତେରୀ, କଣ ଗୋଟେ ଅଭିମାନରେ କହିଦେଲି ବୋଲି-
ତୁମେ ଲେଖିବା ଛାଡ଼ିଦେଲ ?
ଡାଏରୀ ଆଉ କଲମ ପରି ତୁମର ଅତି ଆପଣାର ବସ୍ତୁକୁ
ପୁରାପୁରି ଭୁଲିଗଲ ?
ତୁମେ କ'ଣ ଜାଣିନ ତୁମକୁ ପଢ଼ିଲେ-
ମୁଁ କେତେ ଖୁସି ହୁଏ ।
ନିରବରେ, ଏକାନ୍ତରେ ତୁମେ ବସି ଲେଖିବାରେ
ବୀଜ ବୁଣେ, ଉଲ୍ଲାସର, ତନ୍ମୟତାର, ଭାବପ୍ରବଣର
ଡେଣା ଖଞ୍ଜି ଦିଏ ମୋ ଦେହରେ ।
ସବୁଯାକ ଦୁଃଖ, କ୍ଲେଶ, ଯନ୍ତ୍ରଣାକୁ ଭୁଲିଯାଏ
ମତେ ଲାଗେ ସତେ ଯେମିତି ଅପ୍ରାପ୍ୟ ବସ୍ତୁ ସବୁ
ଅକ୍ଲେଶରେ ମିଳିଯାଏ ।
ତୁମେ ବିଶ୍ୱାସ କରିବ କି ନା ଜାଣିନି
ଠିକ୍ ସେଇ ମୁହୂର୍ତ୍ତରୁ ମୋ ପୃଥିବୀଟା-
'ତମୋମୟ' ହୋଇଯାଏ ଖାଲି ।
କି ଯାଦୁ ଭରିଛ କେଜାଣି ତୁମର ସେ ଲେଖନୀ ମୁନରେ ?
ଷଡ଼ ଋତୁ ପାଲଟଇ ସଦା 'ଋତୁରାଜ' ବସନ୍ତରେ ।
ଏବେ ମନୁତେଜି ମାନ ଅଭିମାନ
ଖାସ୍ ମୋ ପାଇଁ ଆଉ ଥରେ ଭରି ଦିଅ-
ତୁମର ସେ କଲମ ମୁନରେ
ତୁମ, ମୋ ପୃଥିବୀରେ-
ନିଃସର୍ତ୍ତ ଖୁସିର ଫଗୁଣ ।



*କୃପାସିନ୍ଧୁ ପାଢ଼ୀ ସାମ୍ରାଜ୍ୟ, ପିଡକୁଡି ରୋଡ଼,*
*କେନ୍ଦୁଝରଗଡ଼, କେନ୍ଦୁଝର- ୭୫୮୦୦୧*
*ମୋ-୯୪୩୮୮୦୦୭୩୮*

## ଲଗାଣ ବରଷା ବୁଡ଼ାଇଲା ବିଲ

*ଜୟନ୍ତ କୁମାର ମଲ୍ଲିକ୍*



ଲଗାଣ ବରଷା ବୁଡ଼ାଇଲା ବିଲ
ତଳି ସବୁ ଗଲା ଧୋଇ-
ବାଡ଼ି ବଗିଚାର ଫଳନ୍ତି ଗଛତ
ଉପୁଡ଼ିକି ଗଲା ଶୋଇ ।
ତରକାରୀ ପାଇଁ କଦଳୀଟେ ନାହିଁ
ଅମୃତଭଣ୍ଡା ବି ଗଲା-
ଖଡ଼ା ନେଉଟିଆ କୋଶଳା ଶାଗବି
ପାଣି ପଶିଯାଇ ମଲା ।
ପରିବା କିଣିକି ଖାଇବା ପାଇଁତ
ପାଖରେ ପଇସା ନାହିଁ-
ଆଖିକୁ ଜମାରୁ ନିଦ ଆସୁନାହିଁ
ରାତି ବିତେ ଚାହିଁ ଚାହିଁ ।
ଦିନୁଦିନ ଋଣ ଭାର ବଢ଼ିଚାଲେ
ଶୁଝିବି କେମିତି ଭାବେ-
ସଂସାର ସାଗରେ ହୁଏ ଉବୁଟୁବୁ
ବସିଛି ଦଦରା ନାବେ ।
ଦୁଃଖହାରୀ ପ୍ରଭୁ ନହରିଲେ ଦୁଃଖ
ସବୁ ସୁଖ ଯିବ ସରି-
ଅଭାବ କଷଣ ସହି ନପାରିକି
ଶେଷରେ ମୁଁ ଯିବି ମରି ।

*ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*



## ବରଷା

*ସୁଧୀର କୁମାର ଦାସ*

ଗ୍ରୀଷ୍ମ ଋତୁ ସରିଗଲେ
ବର୍ଷା ଋତୁ ଆସେ
ଆକାଶରେ କଳା ମେଘ
ଅନ୍ଧକାର ଦିଶେ ।
ଚକମକ ବିଜୁଳିରେ
ଆଲୋକିତ ଧରା
ଘଡଘଡି ମାରିଚାଲେ
ପଡେ ବର୍ଷା ଧାରା ।
ବର୍ଷା ଆଗମନ ଦେଖି
ଖୁସିର ଲହରୀ
ମୟୂର ପୁଚ୍ଛ ମେଲାଇ
ନୃତ୍ୟ ରଖେ ଜାରି ।
ବେଙ୍ଗ ରଡ଼ି ଚାରିଆଡ଼େ
କାନ ଯାଏ ଫାଟି
ବର୍ଷା ଦେଖି ଚାଷ କାମ
ଖୋଲିଯାଏ ମାଟି ।
କାଗଜ ଡଙ୍ଗା ଭସାଇ
ଓଦା ସର ସର
ଅଣ୍ଡା କାଶ ଧରିନିଏ
କିଏ ରୋଗେ ଜ୍ୱର ।
ଗ୍ରୀଷ୍ମ ଯୋଗୁ ବର୍ଷା ଆସେ
ଋତୁ ଚକ୍ର ଖେଳ
ଗୋଟିଏ ଅଭାବ ହେଲେ
ଜୀବନକୁ କାଳ ।

*ତରାବୋଇ, ଜଟଣୀ, ଖୋର୍ଦ୍ଧା*
*ମୋ- ୯୩୩୭୩୩୫୮୩୮*

## ବର୍ଷାଭିଜା ରାତି

*ଡ. ଦୀପକ କୁମାର ମିଶ୍ର*

ନୀଳ ଆକାଶରୁ ନଗଦ ପ୍ରେୟସୀ ଝରେ ଠୋ ଠୋ ହସି
ସବୁଜ ପତ୍ରର ବକ୍ର ବୟସରେ ପିଚକାରୀ ମାରେ ଖସି
ଫୁଲ ପାଖୁଡ଼ାରୁ ରଙ୍ଗ ଝରୁଛି ମନରେ ମୁରୁଜ ଆଙ୍କି
ବିଧୁରିତ ଏଇ ବର୍ଷଣ ରାତିରେ ପ୍ରୀତିଚୁମ୍ବନ ଆଙ୍କେ ଝୁଙ୍କି ।

ସ୍ୱପ୍ନ ବିଳାସୀ ମେଘ ମଦାଳସ ଦ୍ରାକ୍ଷା ଦ୍ରବିଭୂତ ରତୁ
ଅନ୍ଧାର ଛାତିରେ ମୋତି କୁଙ୍କୁମର ଟିପା ଖେଳ କୁତୁକୁତୁ
ଅଳସୀକନ୍ୟା କୁହୁକ ଠାଣିରେ ଥରାଉଛି ଛାତି ଦକ
ପୀୟୂଷ ଶୋଷରେ ରାତିର ଆୟୁଷେ କିଏ ଲଗାଇବ ରୋକ ।

ଜନ୍ମ ଚାତୁରୀ ବକ୍ ବକ୍ ସ୍ୱରେ କର୍ଣ୍ଣରେ କହେ ତୁନି
ଭିଜା ଯୌବନ ଅଢେଇଦିନ ପା' କାହିଁ ପ୍ରେମ ହାନିମାନୀ
ସମ୍ୟକ ସ୍ପର୍ଦ୍ଧା ହାତକୁ ବଢ଼େଇ ଝର୍କା ସେପାଖୁ ଚାହେଁ
ଅଦୃଶ୍ୟ ରୋଷଣୀ ଆଖିଟେରା କରି ଝିପିଝିପି ମନ ମୋହେ ।

ନିଶାର୍ଦ୍ଧ ଶ୍ରାବଣୀ ସଜଳ ରାଗିଣୀ ଆଚମ୍ବିତ ଆର୍ଦ୍ର ପ୍ରୀତି
ନପାହୁ ସକାଳ ଲମ୍ବିଯାଉ ରାତ୍ର ଜଳୁଥାଉ ମୋର ଛାତି ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*





# କାନପୁର ଡ୍ୟାମ୍ ସୁରକ୍ଷିତ : ଜଳସ୍ତର ବୃଦ୍ଧି ସତ୍ତ୍ୱେ ବିପଦ ଆଶଙ୍କା ନାହିଁ

**କେନ୍ଦୁଝର,ନ୍ୟୁଜ୍**

କାନପୁର ଡ୍ୟାମ୍‌ରେ ଫାଟ ବା ଗଠନମୂଳକ ତ୍ରୁଟି ଦେଖାଦେଇଥିବା ନେଇ କିଛି ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ବିଭ୍ରାନ୍ତିକର ତଥା ଅସତ୍ୟ ଖବର ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ ଭାବେ ଜଣାଇଛି ଯେ, କାନପୁର ଡ୍ୟାମ୍‌ରେ କୌଣସି ପ୍ରକାରର ଫାଟ ବା ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରସାରିତ ହେଉଥିବା ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏହା ଜନସାଧାରଣଙ୍କ ମଧ୍ୟରେ ବୃଥା ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ପରେ ଏକ ଅସ୍ଥାୟୀ କଫରଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହି କଫରଡ୍ୟାମ୍‌ଟି ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମୁଖ୍ୟ ଡ୍ୟାମ୍ ଭିତରେ ତିଆରି କରାଯାଇଥିବା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶ ବିଶେଷ ନୁହେଁ। ତେଣୁ ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି, ଯାହା କଫରଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର) ଠାରୁ ଅଧିକ ହେଲେ ମଧ ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟର ଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରରେ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ପ୍ରବେଶ ଅପେକ୍ଷା ଜଳ ନିଷ୍କାସନ ଅଧିକ ପରିମାଣରେ ହେଉଥିବାରୁ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ ଏବଂ ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀମାନେ ସ୍ଥିତି ଉପରେ ନିରନ୍ତର ନଜର ରଖୁଛନ୍ତି। ଜନସାଧାରଣଙ୍କ ସୁରକ୍ଷା ସହ ଜଡ଼ିତ ସମ୍ବେଦନଶୀଳ ବିଷୟଗୁଡ଼ିକ ଉପରେ ଖବର ପ୍ରସାରଣ କରିବା ସମୟରେ ସମସ୍ତ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ଅତ୍ୟନ୍ତ ଦାୟିତ୍ୱବାନ ହେବା ପାଇଁ ଜିଲ୍ଲା ପ୍ରଶାସନ ନିବେଦନ କରିଛି। ଅସତ୍ୟ ବା ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ ଦ୍ୱାରା ନାଗରିକଙ୍କ ମଧ୍ୟରେ ଅଯଥା ଭୟ ଓ ମାନସିକ ଚାପ ସୃଷ୍ଟି ହୋଇପାରେ। ତେଣୁ କୌଣସି ଖବର ପ୍ରକାଶ ବା ପ୍ରସାରଣ କରିବା ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ଠାରୁ ସତ୍ୟାସତ୍ୟ ଯାଞ୍ଚ କରିବାକୁ ଗଣମାଧ୍ୟମଗୁଡ଼ିକୁ ଅନୁରୋଧ କରାଯାଇଛି। ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସଠିକ୍ ସୂଚନା ପାଇଁ ନାଗରିକମାନଙ୍କୁ କେବଳ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଦ୍ୱାରା ଜାରି କରାଯାଉଥିବା ସରକାରୀ ସୂଚନା ଉପରେ ଭରସା କରିବାକୁ ପରାମର୍ଶ ଦିଆଯାଇଛି।

# ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ଜନିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲାରେ ବୈତରଣୀ, କାଣି, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଫିସରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଦୀକୂଳିଆ ଓ ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ବନ୍ୟା ଆଶ୍ରୟସ୍ଥଳୀକୁ ନିଆଯାଉଥିବା ବେଳେ ସେଠାରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି। ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ବିଂଝାରପୁର ଓ ବଡ଼ଚଣା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ସ୍ଥାନୀୟ ବିଧାୟକ, ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୮ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରି, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୧୧୧ଟି ଗ୍ରାମ ପଞ୍ଚାୟତ, ୩୨୮ଟି ଗ୍ରାମ ଓ ଯାଜପୁର ମ୍ୟୁନିସିପାଲିଟି ପ୍ରଭାବିତ ହୋଇଛି। ୧,୯୩,୭୮୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୯,୧୯୭ ଜଣଙ୍କୁ ଉଦ୍ଧାର କରାଯାଇ ୧୬୭ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୩୧ଟି ରିଲିଫ ସେଣ୍ଟରରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୫୨,୮୩୭ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୫,୦୮୧.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛି। ୬୪୭.୨ କ୍ୱିଣ୍ଟାଲ ଚୁଡ଼ା, ୧୦୬.୭୧ କ୍ୱିଣ୍ଟାଲ ଗୁଡ଼ ୧୭୨ ଟି ପଲିଥିନ୍ ରୋଲ, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ ମହମବତୀ ବଣ୍ଟା ସରିଛି। ୦୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେରାନି ଟିମ୍ ନିୟୋଜିତ କରାଯାଇଛି। ୦୧ ଟି ଏନ୍.ଡି.ଆର.ଏଫ୍ ଟିମ୍, ୦୬ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଥିଲେ ବି ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୫ ଜିଲ୍ଲା...

ଯେ, ଦେବୀ, କୁଶଭଦ୍ରା, ଇବ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତନ ସ୍ତର କ୍ରମଶଃ ହ୍ରାସ ପାଉଥିବା ବେଳେ ମହାନଦୀର ଜଳପତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି। ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ଦୃଢ଼ ନଜର ରଖାଯାଇଥିଲା ବେଳେ ଅବବାହିକା ଅଞ୍ଚଳ ତଥା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସକ୍ରିୟ ନିୟୋଜିତ ଅଛନ୍ତି। ରାଜ୍ୟରେ ୧୭ଟି ଓଡ୍ରାଫ୍, ୬ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଜଳବନ୍ଦୀ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ପ୍ରଦାନ କାର୍ଯ୍ୟ ନିରବଚ୍ଛିନ୍ନ ରହିଛି। ବୈଠକରେ ଯେଉଁ ପର୍ଯ୍ୟନ୍ତ ବନ୍ୟା ଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ମାଟି ଶୁଖିଲା ନ ହୋଇଛି, ସେ ପର୍ଯ୍ୟନ୍ତ ସମସ୍ତ ରିଲିଫ କେନ୍ଦ୍ରରେ ସେବା ପ୍ରଦାନ ଜାରି ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବନ୍ୟା ଜଳ ଛାଡ଼ିବା ପରେ ବିଭିନ୍ନ ରୋଗ ସଂକ୍ରମଣ ତଥା ସାପକାମୁଡ଼ା ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଥିବାରୁ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ବନ୍ୟା ଜଳ ଛାଡ଼ିବା ମାତ୍ରକେ ଯୁଦ୍ଧକାଳୀନ ଭିତିରେ ପାନୀୟଜଳ ବିଭାଗ ଦ୍ୱାରା ସମସ୍ତ ନଳକୂପ ତଥା ଅନ୍ୟାନ୍ୟ ପାନୀୟ ଜଳ ଉତ୍ସ ଗୁଡ଼ିକୁ ବିଶୋଧନ କରାଯିବା ସହ ଆବଶ୍ୟକ ମରାମତି କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପାଣିଘେରରେ ଥିବା ପ୍ରଭାବିତ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି।

ସେହିପରି ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଧାନ ତଥା ଶସ୍ୟ ଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦୀର ବିହନ ମଧ୍ୟ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ତଥା କୋଠାବାଡ଼ିର ମରାମତି ସହ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର ଆଦି କୌଣସି ବି କ୍ଷତିଗ୍ରସ୍ତ ହୋଇଥିଲେ ତାହାର ମରାମତି ସହ ଆବଶ୍ୟକ ପଦକ୍ଷେପ ନିଆଯିବ। ବିଭିନ୍ନ ସ୍ଥାନରେ ବନ୍ୟାଜଳ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା, ପୋଲ ଆଦିର ମରାମତି ନିମନ୍ତେ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇଥିଲା ବେଳେ ଆଗାମୀ ଦିନରେ ବିପଦପ୍ରବଣ ଅଞ୍ଚଳରେ ରାସ୍ତାମାନଙ୍କର ଉଚ୍ଚତା ବୃଦ୍ଧି କରି ନିର୍ମାଣ କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ, ସ୍ୱେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅସ୍ୱତୀ ଏସ୍., ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ, ପାନୀୟ ଜଳ ଯୋଗାଣ ବିଭାଗ, ଜଳସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ।

## ଆଜି ଆକାଶ ...

ବନ୍ୟା ପ୍ରଭାବିତ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ସ୍ଥିତି ସମୀକ୍ଷା କରିବେ। ଦିନ ୧୦ଟାରେ ଆକାଶ ମାର୍ଗରୁ ପ୍ରଭାବିତ ଅଞ୍ଚଳର ସର୍ଭେ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ରହିବେ।

## ନକ୍ସଲମୁକ୍ତ ଓଡ଼ିଶା...

ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ।

କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ 'ନକ୍ସଲମୁକ୍ତ ରାଜ୍ୟ' ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ।

ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ। ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି। ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ।

ସେହିପରି ସମବାୟ କ୍ଷେତ୍ରରେ ମଧ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଯୋଗୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାର 'ଡବଲ୍-ଇଞ୍ଜିନ୍ ସରକାର' ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହା ସହିତ ସେ ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ନୂତନ ରେଳ ଲାଇନ୍ ପ୍ରକଳ୍ପର କାର୍ଯ୍ୟକାରିତା ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଞ୍ଚଳିକ ତଥା ଶିଳ୍ପାଞ୍ଚଳ ସଂଯୋଗୀକରଣକୁ ଅଧିକ କ୍ରିୟାଶୀଳ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଆମର ମୁଖ୍ୟ ଲକ୍ଷ୍ୟ। କେନ୍ଦ୍ର ସରକାରଙ୍କ ସହଯୋଗରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ନିରନ୍ତର ଆଗେଇ ଚାଲିଛୁ।

ନୂଆଦିଲ୍ଲୀ ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ସାଂସଦ ଦିଲ୍ଲୀପ ରାୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟର ସାମଗ୍ରିକ ବିକାଶ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡିଛି।

## ରାଷ୍ଟ୍ରପତିଙ୍କ ଗସ୍ତ...

ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ଯାଞ୍ଚ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ଜୋରଦାର କରାଯିବ ଏବଂ ସମସ୍ତ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ପ୍ଲାଟଫର୍ମ ଡ୍ୟୁଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଡ୍ୟୁଟି ପାସ୍ ପ୍ରଦାନ କରାଯାଉଛି।

ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ କରିବା ପାଇଁ ପୋଲିସ, ରେଳବାଇ ଏବଂ ସାଧାରଣ ପ୍ରଶାସନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଡଃ ଦେବଦତ ସିଂ, ପୂର୍ବତଟ ରେଳବାଇର ପ୍ରିନ୍ସିପାଲ ଚିଫ୍ ସିକ୍ୟୁରିଟି କମିଶନର ଆଲୋକ ଭୋରା, ଆଇଜିପି (କେନ୍ଦ୍ରାଞ୍ଚଳ) ସତ୍ୟଜିତ୍ ନାଏକ ଏବଂ ଏସପି (କ୍ରାଇମବ୍ରାଞ୍ଚ) ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ଥର ପାଇଁ ...

ଡିଭିଜନର ଡିଭିଜନାଲ ରେଲୱେ ମ୍ୟାନେଜର ବେଦ ପ୍ରକାଶ ଏହି ସଫଳତାକୁ ଭାରତୀୟ ରେଳବାଇ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି ଏବଂ ସେ କହିଛନ୍ତି ଯେ ଏହିପରି ଜୀବନ ରକ୍ଷାକାରୀ କାର୍ଯ୍ୟରେ ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ। ସେ କହିଥିଲେ ଯେ ଭାରତୀୟ ରେଳବାଇ, ଆରପିଏଫ, ଗୁଜରାଟ ପୁଲିସ ଏବଂ ଡାକ୍ତରୀ ଦଳ ମଧ୍ୟରେ ଉନ୍ନତ ସମନ୍ୱୟ କାରଣରୁ ଏହି ଅଭିଯାନ ସଫଳ ହୋଇଛି। ସେ କହିଥିଲେ ଯେ ଜଣେ ବ୍ୟକ୍ତିର ଜୀବନ ବଞ୍ଚାଇବାରେ ଭାରତୀୟ ରେଳବାଇର ଭୂମିକା ନିର୍ବାହ କରିବା କେବଳ ଏକ ଦାୟିତ୍ୱ ନୁହେଁ, ବରଂ ସେବା ଏବଂ ମାନବିକତା ପ୍ରତି ଏହା ଏକ ସର୍ବୋଚ୍ଚ ଦାୟିତ୍ୱ।

ରେଳବାଇ ଅନୁଯାୟୀ, ବନ୍ଦେ ଭାରତ ଏକ୍ସପ୍ରେସର ଗତି, ସମୟାନୁବର୍ତ୍ତିତା ଏବଂ ବିଶ୍ୱସନୀୟତା ଏହି ଅଭିଯାନକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସଫଳତା ଦର୍ଶାଉଛି ଯେ ଭାରତୀୟ ରେଳବାଇ କେବଳ ଯାତ୍ରୀ ଏବଂ ପରିବହନ ମଧ୍ୟରେ ସୀମିତ ନୁହେଁ ବରଂ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟ ସେବା ପାଇଁ ମଧ ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି।

ଭାରତୀୟ ରେଳବାଇର ବିଭିନ୍ନ ବିଭାଗ, ରେଳବାଇ ସୁରକ୍ଷା ବାହିନୀ, ଗୁଜରାଟ ରାଜ୍ୟ ପୋଲିସ, ଡାକ୍ତର, ଅଙ୍ଗ ପ୍ରତିରୋପଣ ସଂଯୋଜକ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଅଭିଯାନର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରେଳବାଇ କହିଛି ଯେ ସମସ୍ତ ଏଜେନ୍ସି ମଧ୍ୟରେ ଦ୍ରୁତ ଏବଂ ପ୍ରଭାବଶାଳୀ ସମନ୍ୱୟ ହେତୁ ଏହି ଆହ୍ୱାନପୂର୍ଣ୍ଣ ମିଶନ ସଫଳତାର ସହ ସମ୍ପନ୍ନ ହୋଇଛି।

## ଶ୍ରାବଣ ଅମାବାସ୍ୟାରେ...

ମାନସିକ ଚାପ କିମ୍ବା ଅନାବଶ୍ୟକ ଖର୍ଚ୍ଚ ଭଳି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଥିବା କୁହାଯାଉଛି। ତେବେ ଏସବୁ ଜ୍ୟୋତିଷୀୟ ଆକଳନ ମାତ୍ର ଏବଂ ବ୍ୟକ୍ତିଗତ ଜୀବନର ଫଳାଫଳ ଅନେକ ଅନ୍ୟ କାରଣ ଉପରେ ମଧ ନିର୍ଭର କରିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏହି ସମୟରେ ଭଗବାନ ଶିବଙ୍କ ଉପାସନା କରିବା ଶୁଭ ମନାଯାଏ। ବିଶେଷକରି ସୋମବାର ଦିନ ଜଳାଭିଷେକ କରିବା, ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଓ ଶିବ ଆରାଧନା କରିବା ଦ୍ୱାରା ମନୋବଳ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ସୂର୍ଯ୍ୟ ପରାଗକୁ ନେଇ ଆଗ୍ରହ ଓ ଚର୍ଚ୍ଚା ବଢୁଥିବା ବେଳେ, ଏହାର ବୈଜ୍ଞାନିକ ଓ ଜ୍ୟୋତିଷୀୟ ଦୁଇଟି ଦୃଷ୍ଟିକୋଣକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ଅଗଷ୍ଟ ୧୨ର ଏହି ସୂର୍ଯ୍ୟ ପରାଗକୁ ନେଇ ବର୍ତ୍ତମାନଠାରୁ ଚର୍ଚ୍ଚା ଜୋର ଧରିଛି।

# ରାଜ୍ୟର ବନ୍ୟା ସ୍ଥିତି ସଙ୍ଗୀନ ହୋଇଥିବା ବେଳେ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଭୋଜିଭାତରେ ବ୍ୟସ୍ତ : ବିଜେଡି

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ୨୦ରୁ ଊର୍ଦ୍ଧ୍ୱ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇ ସ୍ଥିତି ସଂଗୀନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତୃବୃନ୍ଦ ନୂଆଦିଲ୍ଲୀରେ ଭୋଜିଭାତରେ ବ୍ୟସ୍ତ ଅଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ତଥା ଉପସଭାପତି ଅତନୁ ସବ୍ୟସାଚୀ ନାୟକ, ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ, ସାରା ରାଜ୍ୟରେ ବନ୍ୟା ସ୍ଥିତି ସଂଗୀନ ହୋଇଛି। ଗତ ସରକାରଙ୍କ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟବସ୍ଥା ହୋଇଥିଲା, ଯେଉଁଥି ପାଇଁ ଓଡିଶା ସମଗ୍ର ଦେଶ ଓ ବିଶ୍ୱରେ ପ୍ରଶଂସିତ ହୋଇଥିଲା। ଚଳିତ ବନ୍ୟାରେ ରାଜ୍ୟରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୧୩୮୦ ଗୃହ ପାଳିତ ପଶୁ ପ୍ରାଣ ହରାଇଛନ୍ତି ଓ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ରାଜ୍ୟର ସ୍ଥିତି ସଙ୍ଗୀନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠମାନେ ନୂଆଦିଲ୍ଲୀରେ ଭୋଜି ଭାତରେ ମାତିଛନ୍ତି। ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ଆଜି ବିଜେପି ସରକାରଙ୍କ ପାଇଁ ଅଦରକାରୀ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିରୋ କାଜୁଆଲିଟି କଥା କହୁଛନ୍ତି, କିନ୍ତୁ ତାହା କାମରେ ଲାଗୁନାହିଁ। ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟର ୨୦ରୁ ଅଧିକ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଅପରପକ୍ଷରେ, ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜେପି ସାଂସଦମାନଙ୍କୁ ହୋଟେଲ ଅଶୋକରେ ଭୋଜି ଦେଉଛନ୍ତି। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ, ସ୍ୱାଭାବିକ ଭାବେ ନବୀନ ପଟ୍ଟନାୟକ ମନେ ପଡ଼ନ୍ତି। ତାଙ୍କର ପ୍ରତ୍ୟେକ ଜୀବନ ମୂଲ୍ୟବାନ ଓ ଜିରୋ କାଜୁଆଲିଟି ନୀତି ଲୋକଙ୍କ ସ୍ମରଣରେ ଆସେ। କିନ୍ତୁ, ବନ୍ୟା ସ୍ଥିତି ଉତ୍କଟ ହୋଇଥିବା ବେଳେ, ପ୍ରଭାବିତ ଲୋକମାନେ ସହାୟତା ପାଇଁ ଅନାଇ ବସିଛନ୍ତି। ଅଧିକାଂଶ ଜାଗାରେ ଶୁଖିଲା ଖାଦ୍ୟ ପହଞ୍ଚି ପାରିନାହିଁ। ବନ୍ୟା ଅଞ୍ଚଳରେ ରନ୍ଧା ଖାଦ୍ୟ ପ୍ରଦାନ କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ, ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

# ତାମିଲନାଡୁରୁ ଶ୍ରମିକଙ୍କ ମୃତଦେହ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ତାମିଲନାଡୁରେ ଶ୍ରମିକ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ମୃତଦେହ ଆଣିବାରେ ଅସମର୍ଥ ହୋଇଥିବାରୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ମୃତକ ପରିବାର ପାଇଁ ୧୫ନଂ ୱାର୍ଡ କାଉସିଲର ନିରୂପମା ମହାନ୍ତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଜଣାଇବା ପରେ ଶ୍ରୀ ମହାନ୍ତି, ମୃତକଙ୍କ ପରିବାରଲୋକଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ସାହାଯ୍ୟ ମାଗିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ମୃତଦେହ ଆଣିବାର ପ୍ରତିଶୃତି ଦେଇଛନ୍ତ। ପ୍ରକାଶ ଯେ, ୧୫ନଂ ୱାର୍ଡ ବିଜୟରାମଚନ୍ଦ୍ରପୁର ବାସିନ୍ଦା ଉମାକାନ୍ତ ଗୋଚ୍ଛାୟତ(୪୧)।

ଜୁଲାଇ ୨୮ତାରିଖରେ ଶ୍ରମିକ କାମ ପାଇଁ ତାମିଲନାଡୁ ଯାଇଥିଲେ। ଗୁରୁବାର ରାତି ପ୍ରାୟ ୧୧.୫୦ଟା ସମୟରେ ତାମିଲନାଡୁର ଜଣେ ବ୍ୟକ୍ତି ତାଙ୍କ ପରିବାରକୁ ଫୋନ୍ କରି ଜଣାଇଥିଲେ ଯେ ଉମାକାନ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି ଏବଂ ଚେନ୍ନାଇର ରାଜୀବ ଗାନ୍ଧୀ ସରକାରୀ ସାଧାରଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ଚିକିତ୍ସା ସତ୍ତ୍ୱେ ଉମାକାନ୍ତଙ୍କ ମୃତ୍ୟୁ ଘଟିଛି। ସେ ବିପିଏଲ ପରିବାରର ସଦସ୍ୟ ଥିଲେ। ଆର୍ଥିକ ଅଭାବ ଯୋଗୁଁ ତାଙ୍କ ପରିବାର ତାମିଲନାଡୁରୁ ମୃତଦେହ ଆଣିବାକୁ ସମର୍ଥ ନୁହନ୍ତି। ମୃତକଙ୍କ ବୃଦ୍ଧା ମା' ବିଧବା ପତ୍ନୀ ଓ ୨ ପୁଅଝିଅ ଅଛନ୍ତି। ଏହି ଘଟଣାକୁ ନେଇ କାଉନସିଲର ନିରୂପମା ମହାନ୍ତିଙ୍କ ଅନୁରୋଧ କ୍ରମେ ନଗରପାଳ ଉପରୋକ୍ତ ବ୍ୟବସ୍ଥା ପାଇଁ ସହଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଯୁବନେତା ସରୋଜ ମହାପାତ୍ର ନଗରପାଳଙ୍କ ସହିତ ଉପସ୍ଥିତ ଥିଲେ। ଉଭୟେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର କର୍ମଚାରୀ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ପଟ୍ଟନାୟକ ଦୀର୍ଘ ୩୪ ବର୍ଷ ହେବ କାର୍ଯ୍ୟାଳୟ ସହ ଜଡ଼ିତ ଅଛନ୍ତି। ସେ ନିଷ୍ଠାର ସହ କାର୍ଯ୍ୟ କରି ଶୁକ୍ରବାର ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି।

ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ପଟ୍ଟନାୟକଙ୍କୁ ଫୁଲତୋଡ଼ା ଓ ଉତରୀୟ ପ୍ରଦାନ କରାଯାଇଥିଲା। ଶ୍ରୀ ପଟ୍ଟନାୟକଙ୍କ କର୍ତ୍ତବ୍ୟ ନିଷ୍ଠା, କାର୍ଯ୍ୟଦକ୍ଷତାକୁ କର୍ମଚାରୀମାନେ ଭୂୟସୀ ପ୍ରଶଂସା କରିଥିଲେ। ଜଣେ ନିଷ୍ଠାବାନ ବ୍ୟକ୍ତି ଭାବେ ସେ ନିଜର ଦାୟିତ୍ୱ ସମ୍ପର୍ଣ୍ଣ କରିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ତାଙ୍କର ଅବସର କାଳୀନ ଜୀବନ ସୁଖ ଓ ନିରାମୟ ହେଉ ବୋଲି ଅଧିକାରୀମାନେ ଶୁଭକାମନା ଜଣାଇ ଥିଲେ। ଏହି ଅବସରରେ କାର୍ଯ୍ୟାଳୟର ମେରିଲିନା ରାଉତରାୟ, ଦିଲ୍ଲୀପ ମିଶ୍ର, ମୀନା ଖାଖା, ରାମଚନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଖୋଲିବ ଭିତରକନିକା, ଭ୍ରମଣର ମଜା ନେଇପାରିବେ ପର୍ଯ୍ୟଟକ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଶନିବାର ଖୋଲିବ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକମାନେ ପୁଣି ଥରେ ଭିତରକନିକା ଅଭୟାରଣ୍ୟ ପରିଭ୍ରମଣ କରି ଏହାର ବେଶ୍ ମଜା ନେଇପାରିବେ।

ସୂଚନା ଥାଉକି, କୁମ୍ଭୀର ପ୍ରଜନନ ପାଇଁ ୩ ମାସ ଧରି ବନ୍ଦ ଥିଲା ଭିତରକନିକା। କୁମ୍ଭୀରମାନଙ୍କର ସୁରକ୍ଷା ଏବଂ ନିରାପଦ ପ୍ରଜନନ ପାଇଁ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ମେ'ରୁ ଜୁଲାଇ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇ ଥାଏ। କାରଣ କୁମ୍ଭୀରଙ୍କ ପ୍ରଜନନରେ ଯେପରି ବାଧା ସୃଷ୍ଟି ନ ହୁଏ।

ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ନୌକା ଚାଳକ, ଗାଇଡ୍ ଏବଂ ରିସର୍ଟଗୁଡ଼ିକୁ ମଧ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପାଣି ଘେରରେ କେନ୍ଦ୍ରାପଡ଼ାର ୭ ବ୍ଲକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଶୁକ୍ରବାର ଏକ ବଡ଼ ସୂଚନା ଦେଇଛନ୍ତି। ଜିଲ୍ଲାର ୭ଟି ବ୍ଲକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଜିଲ୍ଲାପାଳ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଜିଲ୍ଲାର ୩୮ଟି ପଞ୍ଚାୟତର ୭୫ଟି ଗାଁ ବନ୍ୟା ପାଣିରେ ପ୍ରଭାବିତ ହୋଇଥିବ ସେ କହିଛନ୍ତି। ଏପରିକି ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୩୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ୮ଟି ମେଡିକାଲ ଟିମ୍ ନିୟୋଜିତ ହୋଇଛନ୍ତି।

Notice No. 4279 Date: 31/07/26 10001/422/2627

NATIONAL HEALTH MISSION
ଭାରତୀୟ ସ୍ୱାସ୍ଥ୍ୟ ମିଶନ

**TENDER CALL NOTICE FOR SUPPLY OF EQUIPMENT, INSTRUMENT & FURNITURE TO CDM & PHO DHENKANAL**

Sealed tenders are invited from different bidders having valid GST registration for supply of Items as per the specification given by Chief District Medical &Public Health Officer, Dhenkanal. The detailed terms and conditions along with list of items and specifications are available on the website www.dhenkanal.odisha.gov.in, which may be downloaded for reference. Interested parties may submit their offers in sealed covers super-scribing as **"Tender for supply of Equipment, Instrument & Furniture with reference to Advertisement No.______ dt.______** "to the undersigned through registered dt post/speed post only, which should reach on or before 5.00 P.M. of dt. 24.08.2026 positively and will be opened on next day at 11.30 AM before District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay/omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/- Chief District Medical & Public Health Officer
Dhenkanal

OIPR-10001/10059/1/26-27/0010

13001/1357/2627

Phone No.: 06756 253091
Email id: ulbnac.banpur@gmail.com

**OFFICE OF THE NOTIFIED AREA COUNCIL, BANPUR**

No. 908 / Dt. 30/7/2026

**QUOTATION CALL NOTICE**

Sealed quotations are invited from registered firms/authorized dealers having valid PAN & GSTIN for the supply of lighting materials, FRP statues, dustbins, solar lights, and other allied items required for development and beautification of the park under Banpur NAC, on item-wise market rates (Including GST).

Interested bidders may obtain the detailed list of items and terms & conditions from the office of Banpur NAC and submit their sealed quotations within the stipulated time as specified in the quotation call notice.

Sd/- Executive Officer
Banpur NAC

OIPR-13001/13177/1/26-27/0008

ଉତ୍କଳ ଦୀପିକା

ଭୁବନେଶ୍ୱର, ୧ ଅଗଷ୍ଟ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କଟକ ଜିଲ୍ଲାର ସମସ୍ତ ସେତୁ ଏବଂ ବ୍ୟାରେଜକୁ ନୋ ପାର୍କିଂ ଜୋନ୍ ଘୋଷଣା

କଟକ,୩୧।୭

ନ୍ୟୁଜ୍‌ବ୍ୟୁରୋ

କଟକ ଜିଲ୍ଲାରେ ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା କରାଯାଇଛି। ଏନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜନ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା କରାଯାଇଛି। ବନ୍ୟା ପରିସ୍ଥିତି ସମୟରେ ସେତୁ ଓ ବ୍ୟାରେଜ ଉପରେ ଅନାବଶ୍ୟକ ଭିଡ଼ ନ କରିବା, ସେଠାରେ ଯାନବାହନ ପାର୍କିଂ ନ କରିବା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟ ସମୟରେ ଜାରି କରାଯାଉଥିବା ସମସ୍ତ ପରାମର୍ଶ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। କଟକ ଜିଲ୍ଲାର ୨ଟି ବ୍ଲକର ୧୨ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ଏପର୍ଯ୍ୟନ୍ତ ୮୫୧ ଜଣଙ୍କୁ ସୁରକ୍ଷିତ ସ୍ଥାନ ଏବଂ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟ କେନ୍ଦ୍ରରେ ରହୁଥିବା ସମସ୍ତ ପ୍ରଭାବିତ ପରିବାରଙ୍କୁ ନିୟମିତ ଭାବେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ତିଗିରିଆ ବ୍ଲକର କାଳିବିରି ଗ୍ରାମରେ ଜଳବନ୍ଦୀ ହୋଇଥିବା ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୫ଟି ଡଙ୍ଗା, ୧୪ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଦଳ, ଗୋଟିଏ ଓଡ୍ରାଫ ଦଳ ଏବଂ ଗୋଟିଏ ଏନ୍‌ଡିଆରଏଫ୍ ଦଳ ବିଭିନ୍ନ ଅଞ୍ଚଳରେ ମୁତୟନ ରହିଛନ୍ତି। ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ସହ ଆବଶ୍ୟକ ସାମଗ୍ରୀ



ଡଙ୍ଗା ଦ୍ୱାରା ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟ ସମୟରେ କେତିଏ ଅଞ୍ଚଳରେ ଫସି ରହିଥିବା ପଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ବୈଦେଶ୍ୱର ଅଞ୍ଚଳରେ ଜଳବନ୍ଦୀ ହୋଇଥିବା ଶ୍ରମିକମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର କୌଣସି ନଦୀବନ୍ଧରେ ଘାଇ ସୃଷ୍ଟି ହୋଇନାହିଁ। ସେହିପରି କୌଣସି ମୃତ କିମ୍ବା ଆହତଙ୍କ ସୂଚନା ମଧ୍ୟ ମିଳିନାହିଁ। କଟକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ନଜର ରଖାଯାଉଥିବା ବେଳେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସାଧାରଣ ଜନତାଙ୍କୁ ସତର୍କ ରହିବା, ପ୍ରଶାସନ ସହ ସହଯୋଗ କରିବା ଏବଂ କେବଳ ସରକାରୀ ସୂଚନା ଉପରେ ଭରସା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଅଗଷ୍ଟ ୫ରୁ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାରେ ଶିକ୍ଷା କ୍ଷେତ୍ର ବୈଠକମାଳା

ଭୁବନେଶ୍ୱର,୩୧।୭

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ଅଗଷ୍ଟ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା (ବ୍ରିକ୍ସ ଇଣ୍ଡିଆ ଚେୟାରସିପ୍ ଏଜୁକେସନ ଟ୍ରାକ୍ ମିଟିଙ୍ଗ୍ସ) ଅନୁଷ୍ଠିତ ହେବ। ଏହି ଅନ୍ତର୍ଜାତୀୟସ୍ତରୀୟ ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସହ ୪୦ ଜଣ ବରିଷ୍ଠ ପଦାଧିକାରୀ, ଭାରତ ସରକାରଙ୍କ ପଦାଧିକାରୀ ଓ ଅନ୍ୟ ଅତିଥିମାନଙ୍କୁ ମିଶାଇ ମୋଟ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। ଅଗଷ୍ଟ ୫ ତାରିଖରେ ଏଠାରେ 'ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠକ' ଅନୁଷ୍ଠିତ ହେବ। ଅଗଷ୍ଟ ୬ ତାରିଖରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷା ମନ୍ତ୍ରୀବୃନ୍ଦ ଓ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନା କରିବେ। ୭ ତାରିଖରେ 'ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ୧୩ତମ ବୈଠକ' ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପଦାଧିକାରୀମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଥିମ୍ ରହିଛି- ଜନକୈନ୍ଦ୍ରିକ ଏବଂ ମାନବ-କଲ୍ୟାଣ ପ୍ରାଥମିକତା ଦୃଷ୍ଟିଭଙ୍ଗୀକୁ ଆଧାର କରି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସହନଶୀଳତା, ନବସୃଜନ, ପାରସ୍ପରିକ ସହଯୋଗ ଓ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା। ବୈଠକରେ ବ୍ରିକ୍ସ ଶିକ୍ଷା କ୍ଷେତ୍ରର ଅଗ୍ରାଧିକାର ପ୍ରସଙ୍ଗଗୁଡ଼ିକ ମଧ୍ୟରେ ରହିଛି ପ୍ରାରମ୍ଭିକ ଶୈଶବ କାଳରେ ଯତ୍ନ ଓ ଶିକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା, ବ୍ରିକ୍ସ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଏବଂ ପ୍ରଶିକ୍ଷଣ (ଟିଭିଇଟି) ସହଯୋଗ ମେଣ୍ଟ (ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା, ସହଭାଗୀ ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି (ଏମଆରକ୍ୟୁ)କୁ ଗୁରୁତ୍ୱ ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ ଦକ୍ଷତା ବୃଦ୍ଧି କରିବା।

ବୈଠକରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡଃ. କେ.ଏମ୍. ପ୍ରଫୁଲ୍ଲଚନ୍ଦ୍ର ଶର୍ମା ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କ ୭୫ତମ ସମ୍ମାନସୂଚକ ଡକ୍ଟରେଟ୍

## ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ

ଭୁବନେଶ୍ୱର,୩୧।୭

ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ବିକାନେରସ୍ଥିତ ରାଜ୍ୟର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ (ଏମ୍‌ଜିଏସ୍‌ୟୁ) ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଶୁକ୍ରବାର ଜୟପୁର ରାଜଭବନ (ଲୋକ ଭବନ)ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା ମାଧ୍ୟମରେ ସମାଜର ବିକାଶ ଓ କଲ୍ୟାଣ ଦିଗରେ ଡ. ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଜଣାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ଅଚ୍ୟୁତ ସାମନ୍ତଙ୍କ ୭୫ତମ ସମ୍ମାନସୂଚକ ଡକ୍ଟରେଟ୍। ଡ. ଅଚ୍ୟୁତ ସାମନ୍ତଙ୍କ ଉପରେ ପୁଙ୍ଖାନୁପୁଙ୍ଖ




ଜାଣିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା।

ଏମ୍‌ଜିଏସ୍‌ୟୁ କୁଳାଧିପତି ତଥା ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରେମ ଚାନ୍ଦ ବୈରୱା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମନୋଜ ଦୀକ୍ଷିତ, କୁଳସଚିବ ପ୍ରଫେସର ଯଶପାଲ ଆହୁଜାଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ, ବିଧାୟକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା କିଶୋର ରହାଟକରଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା।

ମହାରାଜା ଗଙ୍ଗାସିଂହ ବିଶ୍ୱ ବିଦ୍ୟାଳୟ ରାଜସ୍ଥାନର ଅନ୍ୟତମ ପ୍ରମୁଖ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ସୁପରିଚିତ। ରାଜସ୍ଥାନ ରାଜଭବନରେ ସ୍ୱତନ୍ତ୍ର ସମାବର୍ତ୍ତନ ଆୟୋଜନ କରି ସମ୍ମାନୀତ କରିବା ସହ ଓଡ଼ିଶା ଓ ଡ. ଅଚ୍ୟୁତଙ୍କ କାର୍ଯ୍ୟର ପ୍ରଶଂସା କରାଯାଇଥିବାରୁ ଡ. ସାମନ୍ତ ରାଜ୍ୟପାଳ ଶ୍ରୀ ବାଗଡେ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସ୍ମୃତି ମୋ ହୃଦୟରେ ସବୁଦିନ ସାଇତା ହୋଇ ରହିବ ବୋଲି ଡ. ସାମନ୍ତ ପ୍ରକାଶ କରିଛନ୍ତି। ଅଗଷ୍ଟ ୨ରେ ଦିବଙ୍ଗତ ମା' ନୀଳିମାରାଣୀଙ୍କ ୧୦ମ ଶ୍ରାଦ୍ଧଦିବସ ପାଳନ ହେଉଥିବା ବେଳେ ମାଆଙ୍କ ସମ୍ମାନାର୍ଥେ ଡ. ସାମନ୍ତ ଏହି ସମ୍ମାନକୁ ମାଆଙ୍କୁ ଉତ୍ସର୍ଗ କରିଛନ୍ତି।

# ମହାନଦୀରେ ବନ୍ୟା : ସୁରକ୍ଷିତ ଓ ବୈଜ୍ଞାନିକ ଢାଞ୍ଚାରେ ବନ୍ୟାଜଳ ନିଷ୍କାସନ ପାଇଁ ନିର୍ଦ୍ଦେଶ

କଟକ,୩୧।୭

ନ୍ୟୁଜ୍‌ବ୍ୟୁରୋ

ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ମହାନଦୀରେ ବନ୍ୟାଜଳର ପ୍ରବାହ ଏବଂ ଜଳ ପରିଚାଳନା ବ୍ୟବସ୍ଥାର ସମୀକ୍ଷା ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଶୁକ୍ରବାର ମୁଣ୍ଡଳି ୱେୟାର ଓ ନରାଜ ବ୍ୟାରେଜ ପରିଦର୍ଶନ କରିଥିଲେ। ମୁଣ୍ଡଳି ୱେୟାରରେ ମହାନଦୀରେ ପ୍ରବାହିତ ବନ୍ୟାଜଳର ସ୍ଥିତି ଓ ଏହାର ନିୟନ୍ତ୍ରିତ ନିଷ୍କାସନ ବ୍ୟବସ୍ଥାର ସମୀକ୍ଷା କରିଥିଲେ ଶ୍ରୀମତୀ ଶର୍ମା। ଏହି ଅବସରରେ ସେଣ୍ଟ୍ରାଲ୍ ଇରିଗେସନ୍ ସର୍କଲ୍, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ନଦୀର ଜଳସ୍ତର, ପ୍ରବାହ ପରିସ୍ଥିତି ଏବଂ ତଳମୁଣ୍ଡ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ୟାଜଳର ସୂଚାରୁ ପରିଚାଳନା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ



ସମୟରେ ଶ୍ରୀମତୀ ଶର୍ମା ନରାଜ ବ୍ୟାରେଜ ପରିଦର୍ଶନ କରି ବ୍ୟାରେଜର କଣ୍ଟ୍ରୋଲ୍ ରୁମ୍‌ରେ ସ୍ଥାପିତ ଆଧୁନିକ ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ପରିଚାଳନା ଓ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ରିଅଲ୍-ଟାଇମ୍ ନିରୀକ୍ଷଣ, ଜଳ ପ୍ରବାହର ସଠିକ୍ ମୂଲ୍ୟାଙ୍କନ ଏବଂ ଗେଟ୍ ପରିଚାଳନାର କାର୍ଯ୍ୟଦକ୍ଷତା ଉପରେ ଆଲୋଚନା ହୋଇଥିଲା। ସେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚବିଶ ଘଣ୍ଟିଆ ସତର୍କତା ଅବଲମ୍ବନ କରିବା, ସ୍କାଡା ପ୍ରଣାଳୀ ମାଧ୍ୟମରେ ଗେଟ୍‌ର କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ଏବଂ ଯେକୌଣସି ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଯାନ୍ତ୍ରିକ ମୁଖ୍ୟ ଯନ୍ତ୍ରୀ, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ପୂର୍ବାଞ୍ଚଳ ପରିମଣ୍ଡଳ-୧, କଟକର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ବନ୍ୟାଜଳର ପ୍ରବାହ, ଉପରମୁଣ୍ଡ ଓ ତଳମୁଣ୍ଡ ଅଞ୍ଚଳର ପରିସ୍ଥିତି ଏବଂ ବୈଜ୍ଞାନିକ ତଥ୍ୟର ନିରନ୍ତର ବିଶ୍ଳେଷଣ ଆଧାରରେ ବ୍ୟାରେଜ ଗେଟ୍ ପରିଚାଳନା କରାଯାଉଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସୁରକ୍ଷିତ ଓ ସୁନିୟୋଜିତ ଭାବେ ବନ୍ୟାଜଳ ନିଷ୍କାସନ ସୁନିଶ୍ଚିତ କରିବା ସହ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ହଷ୍ଟେଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ : ପ୍ରଧାନଶିକ୍ଷକ ନିଲମ୍ବିତ

ନବରଙ୍ଗପୁର,୩୧।୭

ନ୍ୟୁଜ୍‌ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ର ବାଟିବେଡ଼ା ସରକାରୀ ଆଶ୍ରମ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫ୍ରାନ୍ସିସ୍ ନାଗଙ୍କୁ ନିଲମ୍ବନ କରାଯାଇଛି। ଜିଲ୍ଲାପାଳ ଯୁଗ୍ମ ତଦନ୍ତ ରିପୋର୍ଟ ଆଧାରରେ ଏହି ନିଲମ୍ବନ ଆଦେଶ ଜାରି



ହୋଇଛି।

ସେହିପରି ଘଟଣାରେ ସମ୍ପୃକ୍ତ ଜଣେ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଘଟଣାରେ ତାଙ୍କର ଭୂମିକା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୬ ତାରିଖରେ ବିଦ୍ୟାଳୟଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣା ପରେ ପରିବାର ଲୋକେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରି ସଠିକ୍ ତଦନ୍ତ ଦାବି କରିଥିଲେ।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ନିଲମ୍ବନ ଭଳି ପ୍ରଶାସନିକ ପଦକ୍ଷେପ ନିଆଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଚିଲିକାରେ ପର୍ଯ୍ୟଟନର ବିକାଶ ନେଇ ଆଲୋଚନା

ଭୁବନେଶ୍ୱର,୩୧।୭:ନ୍ୟୁଜ୍‌ବ୍ୟୁରୋ

ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନର ସମ୍ମିଳନୀ କକ୍ଷରେ ଚିଲିକା ଅଞ୍ଚଳରେ ବ୍ୟାପକ ପର୍ଯ୍ୟଟନର ବିକାଶ ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ଅଧିକ ସମୃଦ୍ଧ କରିବା ସହ ସଡ଼କ ସଂଯୋଗ, ପର୍ଯ୍ୟଟକ ସୁବିଧା, ଆଧୁନିକ ଭିତ୍ତିଭୂମି ଏବଂ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟଯନ୍ତ୍ରୀ (ରାସ୍ତା-୨) ଇଂ ଶିବବ୍ରତ ତରିଆ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ରାସ୍ତା-୨) ଇଂ ରଶ୍ମିରଞ୍ଜନ ସାହୁ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଜାତୀୟ ଆଧୁନିକ କଳା ସଂଗ୍ରହାଳୟର ପୂର୍ବତନ ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ କନସଲ୍ଟାଣ୍ଟର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# କୁଆଖାଇ ନଦୀକୁ ଡେଇଁଲେ ମହିଳା

ଭୁବନେଶ୍ୱର,୩୧।୭:ନ୍ୟୁଜ୍‌ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରର ହାଇଟେକ୍ ଛକ ନିକଟସ୍ଥ କୁଆଖାଇ ନଦୀକୁ ଜଣେ ମହିଳା ଡେଇଁ ପଡ଼ିଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ମଞ୍ଚେଶ୍ୱର ଏବଂ ପାହାଳର ଦୁଇଟି ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଜୋରଦାର ଖୋଜାଖୋଜି ଜାରି ରଖିଥିଲେ। ତେବେ ମହିଳାଜଣଙ୍କ କିଏ ଏବଂ ସେ କାହିଁକି ଏଭଳି ଚରମ ପଦକ୍ଷେପ ନେଇ ନଦୀକୁ ଡେଇଁଲେ, ସେନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୩୧/୦୭/୨୦୨୬

୪,୪୨,୭୯୯/- ଟଙ୍କା

ସୁନା:- ୦୩ ଗ୍ରାମ୍ ୨୫୦ ମିଲିଗ୍ରାମ

ରୂପା:- ୫୩ ଗ୍ରାମ୍ ୫୦୦ ମିଲିଗ୍ରାମ

# ଆୟ ଓ ଯାତ୍ରୀ ପରିବହନରେ ମାଇଲଖୁଣ୍ଟ ସ୍ଥାପନ କଲା ବ୍ରହ୍ମପୁର ରେଳଷ୍ଟେସନ

ବ୍ରହ୍ମପୁର,୩୧।୭

ନ୍ୟୁଜ୍‌ବ୍ୟୁରୋ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ରେଳଷ୍ଟେସନ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ୍ ଯାତ୍ରୀ ଆୟ ଓ ଯାତ୍ରୀ ସଂଖ୍ୟା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସଂରକ୍ଷିତ (ପିଆରଏସ୍) ଏବଂ ଅଣସଂରକ୍ଷିତ (ୟୁଟିଏସ୍) ଟିକେଟ୍ ବିକ୍ରିରୁ ଷ୍ଟେସନ୍ ୧୨୮ କୋଟିରୁ ଅଧିକ ଟଙ୍କା ଆୟ କରି ପୂର୍ବତଟ ରେଳପଥର ସମସ୍ତ ଷ୍ଟେସନ୍ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ଏହି ତାଲିକାରେ କେବଳ ଭୁବନେଶ୍ୱର ଓ ପୁରୀ ରେଳଷ୍ଟେସନ୍ ବ୍ରହ୍ମପୁରଠାରୁ ଆଗରେ ରହିଛି। ରେଳ ବିଭାଗର ଯାତ୍ରୀ ଆୟ ସମ୍ପର୍କିତ ପରିସଂଖ୍ୟାନ ରିପୋର୍ଟ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ରହ୍ମପୁର ରେଳଷ୍ଟେସନରୁ ୯୨.୯୮ ଲକ୍ଷ ଯାତ୍ରୀ ଯାତାୟାତ କରିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱର ରେଳ ଷ୍ଟେସନ୍ ୫୬୯.୪୧ କୋଟି ଟଙ୍କା ଓ ପୁରୀ ରେଳ ଷ୍ଟେସନ୍ ୩୧୩.୭୭ କୋଟି ଟଙ୍କା ଆୟ କରିଥିବା ବେଳେ ବ୍ରହ୍ମପୁର



୧୨୮.୭୬ କୋଟି ଟଙ୍କା ଆୟ ସହ ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଓଡ଼ିଶାର କୌଣସି ରେଳ ଷ୍ଟେସନ୍ ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଇଛି। ଶେଷ ଥର ପାଇଁ ଏଭଳି ଏକ ପରିସଂଖ୍ୟାନ ରିପୋର୍ଟ ୨୦୨୪ ମସିହାରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ରହ୍ମପୁର ରେଳ ଷ୍ଟେସନର ମୋଟ ଯାତ୍ରୀ ରାଜସ୍ୱ ଆୟ ୧୦୧.୯୪ କୋଟି ଟଙ୍କା ଥିବା ବେଳେ ଯାତ୍ରୀ ସଂଖ୍ୟା ୭୨.୮୭ ଲକ୍ଷ ଥିଲା। ଫଳରେ ମାତ୍ର ଦୁଇ ବର୍ଷ ମଧ୍ୟରେ ଷ୍ଟେସନର ଆୟ ୨୬.୮୨ କୋଟି ଟଙ୍କା ବୃଦ୍ଧି ପାଇଛି। ତୁଳନାତ୍ମକ ଭାବେ ଏହା ହେଉଛି ୨୬.୩ ପ୍ରତିଶତ ଅଭିବୃଦ୍ଧି। ସେହିପରି ଯାତ୍ରୀ ସଂଖ୍ୟା ୭୨.୮୭ ଲକ୍ଷରୁ ବଢ଼ି ୮୨.୯୮ ଲକ୍ଷରେ ପହଞ୍ଚିଛି। ଯାତ୍ରୀ ପରିବହନ ୧୩.୯ ପ୍ରତିଶତ ବୃଦ୍ଧି ହୋଇଛି। ବିଶେଷଜ୍ଞଙ୍କ ମତରେ ଯାତ୍ରୀ ସଂଖ୍ୟା ଅପେକ୍ଷା ଆୟର ଅଭିବୃଦ୍ଧି ହାର ଅଧିକ ଥିବାରୁ ଦୂର ଯାତ୍ରା ପ୍ରତି ଆଗ୍ରହ ବଢ଼ିବା ସହ ସଂରକ୍ଷିତ ଟିକେଟର ଚାହିଦା ବୃଦ୍ଧି ପାଇଥିବା ସ୍ପଷ୍ଟ ହେଉଛି। ଷ୍ଟେସନର ମୋଟ ଆୟରେ ସଂରକ୍ଷିତ ଟିକେଟର ଅବଦାନ ସର୍ବାଧିକ ରହିଛି। ୨୦୨୩-୨୪ରେ ସଂରକ୍ଷିତ ଟିକେଟ୍ ବିକ୍ରିରୁ ୭୫.୬୫ କୋଟି ଟଙ୍କା ଆୟ ହୋଇଥିବା ବେଳେ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୯୬.୦୮ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଦୁଇ ବର୍ଷରେ କେବଳ ସଂରକ୍ଷିତ ଟିକେଟ୍‌ରୁ ପ୍ରାୟ ୨୦.୪୩ କୋଟି ଟଙ୍କା ଅଧିକ ଆୟ ହୋଇଛି। ସେହିପରି ଅସଂରକ୍ଷିତ ଟିକେଟ୍ ବିକ୍ରିରୁ ଆୟ ୨୬.୨୯ କୋଟି ଟଙ୍କାରୁ ବୃଦ୍ଧି ପାଇ ୩୨.୬୮ କୋଟି ଟଙ୍କାରେ ପହଞ୍ଚିଛି। ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳପଥରେ ଅବସ୍ଥିତ ବ୍ରହ୍ମପୁର ରେଳ ଷ୍ଟେସନ୍ ଉପରେ ଗଞ୍ଜାମ ସହିତ କନ୍ଧମାଳ ଏବଂ ଗଜପତି ଜିଲ୍ଲାର ଯାତ୍ରୀ ମଧ୍ୟ ନିର୍ଭର କରିଥାନ୍ତି। ସୁରତ, ମୁମ୍ବାଇ, ଅହମ୍ମଦାବାଦ୍, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ୍, ବିଶାଖା ପାଟଣା ଓ ଭୁବନେଶ୍ୱର ଆଦି ସହରକୁ ଯାତାୟାତ କରୁଥିବା ଟ୍ରେନ୍‌ଗୁଡ଼ିକରେ ବର୍ଷସାରା ଯାତ୍ରୀଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହେବା ପରେ ପଶ୍ଚିମ ଭାରତକୁ ଯାତାୟାତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ବଢ଼ିଛି। ଏହା ଷ୍ଟେସନର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥିବା କୁହାଯାଉଛି। ବଢୁଥିବା ଯାତ୍ରୀ ଚାପକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ର ବ୍ୟାପକ ଉନ୍ନତିକରଣ କାର୍ଯ୍ୟ କରୁଛି। ଏଥିପାଇଁ ପ୍ରାୟ ୩ ଶହ କୋଟି ଟଙ୍କା ମଞ୍ଜୁର ହୋଇଛି। ଯାତ୍ରୀ ଆୟ, ଯାତ୍ରୀ ସଂଖ୍ୟା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କ୍ରମାଗତ ସଫଳତା ବ୍ରହ୍ମପୁର ରେଳ ଷ୍ଟେସନ୍‌କୁ ପୂର୍ବତଟ ରେଳପଥର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍‌ରେ ପରିଣତ କରିଛି।

# ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ଜଳ ପରିଚାଳନା ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା

ଭୁବନେଶ୍ୱର,୩୧।୭:ନ୍ୟୁଜ୍‌ବ୍ୟୁରୋ

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, ଜଳଭଣ୍ଡାରଗୁଡ଼ିକର ଜଳ ପରିଚାଳନା, ନଦୀଗୁଡ଼ିକର ଜଳସ୍ତରର ନିରନ୍ତର ନିରୀକ୍ଷଣ, ବନ୍ୟା ପୂର୍ବାନୁମାନ ବ୍ୟବସ୍ଥା ଏବଂ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଶୁକ୍ରବାର ସେଚ ସଦନରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ବର୍ତ୍ତମାନର ବନ୍ୟା ପରିସ୍ଥିତି, ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବନ୍ୟା ପରିଚାଳନା ରଣନୀତି ଏବଂ ଜଳ ପ୍ରବାହର ସୁରକ୍ଷିତ ଓ ସୁନିୟୋଜିତ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବନ୍ୟାଜଳର ପ୍ରବାହକୁ ବୈଜ୍ଞାନିକ ଆଧାରରେ ପରିଚାଳନା କରିବା ସହ ତଳମୁଣ୍ଡ ଅଞ୍ଚଳର ଜନସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ପ୍ରସ୍ତୁତିକୁ ସୁଦୃଢ଼ ରଖିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତଙ୍କ ସହ ବରିଷ୍ଠ ମୁଖ୍ୟ ଯନ୍ତ୍ରୀ ବୃନ୍ଦ ଉପସ୍ଥିତି ଥିଲେ।

# ଆଜି ଭଦ୍ରକ ଜିଲ୍ଲାରେ ସମସ୍ତ ସ୍କୁଲ ଛୁଟି

ଭଦ୍ରକ,୩୧।୭:ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲାରେ ଦେଖାଦେଇଥିବା ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆ ଯାଇଛି। ଶନିବାର ଭଦ୍ରକ ଜିଲ୍ଲାର ସମସ୍ତ ସ୍କୁଲ ଛୁଟି ରହିବ। ଜିଲ୍ଲାରେ ଉପୁଜିଥିବା ବନ୍ୟା ପରିସ୍ଥିତି ଯୋଗୁ ଜିଲ୍ଲାପାଳ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ସହିତ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ। ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com



## ଏବେ ବଜାରରେ ଉପଲବ୍ଧ...

## ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଅଗଷ୍ଟ-୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ।

**ସମକାଳର କଥା :** ନଗେନ୍ଦ୍ର ପଟ୍ଟନାୟକ, ଦାଶରଥୀ ଭୂୟାଁ, ଭାସ୍କର ଜେନା, ଭାଗିରଥୀ ବେହେରା, ଲକ୍ଷ୍ମଣ ସାହୁ, କାଳିକିଙ୍କର, ସଚ୍ଚିଦାନନ୍ଦ କର, ରେବା ପଟ୍ଟନାୟକ, ସଂଯୁକ୍ତା ଦାଶ, ସୁରେଶ ନାଗ, ସୁଚିତ୍ରା ବେହେରା, ପ୍ରତାପ କୁମାର ପଣ୍ଡା।

**ସାକ୍ଷାତକାର:** ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର।

**ପୁସ୍ତକ ସମୀକ୍ଷା :** ଆଷାଢର ଅଭିସାରିକା।

**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।

**ଯୁବମାନସର କଥା :** ନିର୍ବିକାର ପ୍ରଭାତ, ଲକ୍ଷ୍ମଣ ବେହେରା, କୁନଲତା ତ୍ରିପାଠୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)